ଧରିତ୍ରୀ DHARITRI
December 22-28, 2024 ₹ 2/-
ଧରିତ୍ରୀ 51 Years

# ଛୁଟିର ଦିନ



# ଶୀତର ସାଥୀ

ପ୍ରବଳ ଶୀତରେ ଥରୁଥିବା ମଣିଷମାନଙ୍କ ଦେହରେ କମ୍ବଳଟେ ଘୋଡ଼େଇ ଦେଇ ତାଙ୍କ ମୁହଁରେ ହସ ଫୁଟାଇ ନିଜେ ଖୁସି ହେଉଥିବା ଏମିତି ଅନେକ ଲୋକ ଅଛନ୍ତି, ଯାହାଙ୍କୁ ପ୍ରକୃତରେ ଶୀତର ସାଥୀ କୁହାଯାଇପାରେ..

ପ୍ରଚ୍ଛଦ ପ୍ରସଙ୍ଗ
୩



# କ୍ରିସ୍‌ମସ୍ ଗିଫ୍ଟ

ଆନନ୍ଦ ଉଲ୍ଲାସର ପର୍ବ କ୍ରିସ୍‌ମସ୍‌କୁ ବେଶ୍ ଉତ୍ସାହ ସହକାରେ ଚାରିଆଡ଼େ ପାଳନ କରାଯାଇଥାଏ। ଏହିଦିନ ଅନେକେ ପରସ୍ପରକୁ ଗିଫ୍ଟ ଦେଇ ସୁଖଦ ଭବିଷ୍ୟତର କାମନା କରିଥାନ୍ତି। ତେବେ କ୍ରିସ୍‌ମସ୍ ଅବସରରେ କେଉଁ ଗିଫ୍ଟ ଦେବା ଶୁଭ, ଜାଣନ୍ତୁ ସେ ସମ୍ପର୍କରେ...



* ନିଜ ପ୍ରିୟଜନଙ୍କୁ ଇନ୍‌ଡୋର କିମ୍ବା ଆଉଟ୍‌ଡୋର୍ ପ୍ଲାଣ୍ଟ ଗିଫ୍ଟ ଆକାରରେ ଦେଇ କ୍ରିସ୍‌ମସ୍‌ର ଶୁଭକାମନା ଦେଇପାରିବେ।
* ଏହି ଅବସରରେ ଘରକୁ ସଜାଇବା ପାଇଁ ପ୍ରିଣ୍ଟେଡ୍ କୁସନ୍ କଭରକୁ ବି ଗିଫ୍ଟ ଆକାରରେ ଦେଇପାରିବେ।
* ପ୍ରିଣ୍ଟେଡ୍ କଫି ମଗ୍ ମଧ୍ୟ ଚୟନ କରିପାରିବେ।
* ଟ୍ରାନ୍ସପରେଣ୍ଟ କଫି ମଗ୍‌କୁ ବି ଗିଫ୍ଟରେ ଦେଇପାରିବେ।
* ଯାହାଙ୍କୁ ଗିଫ୍ଟ ଦେଉଛନ୍ତି ତାଙ୍କର ଏକ ଫଟୋ ଲଗାଯାଇଥିବା ଉଡେନ୍ ଟେବୁଲ ଫଟୋଫ୍ରେମ୍ ବି ଦେଇପାରିବେ।
* ଗିଫ୍ଟ ବଲ୍‌ବ ଜାର୍‌କୁ ବି ଏକ ବେଷ୍ଟ କ୍ରିସ୍‌ମସ୍ ଗିଫ୍ଟ ଭାବେ ନିଆଯାଇପାରେ।
* ଚକୋଲେଟ୍ ବକ୍ସ କ୍ରିସ୍‌ମସ୍ ଅବସରରେ ଗିଫ୍ଟ ଦେବା ପାଇଁ ବେଷ୍ଟ ହୋଇଥାଏ।
* ଟେଡି ବିୟର୍ ବି ଗିଫ୍ଟ ପାଇଁ ଅନ୍ୟତମ ବିକଳ୍ପ ହୋଇପାରେ।
* କିଛି ଯଦି ପାଉନାହାନ୍ତି, ତା'ହେଲେ ତାଜା ଫୁଲରୁ କିଛି ଦେଇ ନିଜର ପ୍ରିୟଜନଙ୍କୁ କ୍ରିସ୍‌ମସ୍‌ର ଶୁଭେଚ୍ଛା ଜଣାଇ ପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୨୨-୨୮

### ମେଷ



ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପଦାଧିକାରୀଙ୍କ ସାନ୍ତ୍ୱନା, ମାନସିକ ଆଶ୍ୱସ୍ତିଲାଭ, କୃତକାର୍ଯ୍ୟ ହେବେ, ଦୁଃସାହାସିକ ପଦକ୍ଷେପ, ସାମାଜିକ ସମ୍ମାନ ପ୍ରାପ୍ତି , କଳାସାହିତ୍ୟରୁ ପ୍ରଶଂସା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ॥

### ବୃଷ




ଆରୋଗ୍ୟ ଲାଭ, ନୂତନ କର୍ମସଂସ୍ଥାନ, ମୂଲ୍ୟବାନ୍ ଦ୍ରବ୍ୟଲାଭ, ପାରିବାରିକ ମତାନ୍ତର, ଅପରିଚିତଙ୍କ ସହ କଳହ, ପଡୋଶୀଙ୍କ ସହଯୋଗ, ନୀଚ ସଂସର୍ଗରୁ ନିନ୍ଦା, ବ୍ୟବସାୟରେ ଉନ୍ନତି, କଲ୍ୟାଣମୂଳକ କାର୍ଯ୍ୟାରମ୍ଭ ॥

### ମିଥୁନ



ଶାରୀରିକ ଅସୁସ୍ଥତା, ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ, ବନ୍ଧୁଙ୍କ ସହାୟତା ପାଇବେ, ବୃଥା ଆଶଙ୍କାରୁ ଅସ୍ଥିରତା, ଅର୍ଥଲାଭ ଅବଶ୍ୟମ୍ଭାବୀ, ଅନ୍ୟମନସ୍କତାରୁ ସମସ୍ୟା, ପାରିବେଶିକ ଅଶାନ୍ତି, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ ॥

### କର୍କଟ




କର୍ମଜଞ୍ଜାଳ ବୃଦ୍ଧି, ମନ ଭାରାକ୍ରାନ୍ତ ରହିବ, ଅତୀତ ଘଟଣାର ସମୀକ୍ଷା, ଅନୁତାପ କରିପାରନ୍ତି, ପାରିବାରିକ ମତଭେଦ, ଦୂରସ୍ଥାନକୁ ଯାତ୍ରା, ଯାନ୍ତ୍ରିକ ତ୍ରୁଟିରୁ ହଇରାଣ, ବ୍ୟବସାୟିକ ଉନ୍ନତି ॥

### ସିଂହ



କର୍ମବ୍ୟସ୍ତ ରହିବେ, ଉପରିସ୍ଥଙ୍କ ତାଗିଦ, କର୍ମକ୍ଷେତ୍ରରେ ବିବାଦ, ପାରିବାରିକ ମତ ପାର୍ଥକ୍ୟ, ଧନହାନୀ ଘଟିପାରେ, ଅଶୌଚ ଖବର ପାଇବେ, ଲୋକଙ୍କୁ ଭୁଲ୍ ବୁଝିପାରନ୍ତି, ଅନିଦ୍ରାଜନିତ କ୍ଲେଶ, ଲେଖାପଢ଼ାରେ ଆଗ୍ରହ, ମାଙ୍ଗଳିକ କାମର ପ୍ରସ୍ତୁତି ॥

### କନ୍ୟା



ବନ୍ଧୁ ସହଯୋଗ ପାଇବେ, କର୍ମକ୍ଷେତ୍ରରେ ପ୍ରଶଂସା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ପକେଟ୍‌ମାର ହୋଇପାରେ, ସ୍ୱାସ୍ଥ୍ୟରେ ଉନ୍ନତି, ସ୍ଥାନାନ୍ତର ପାଇଁ ବ୍ୟଗ୍ରତା, ଆବଦ୍ଧଯୋଗରୁ ମୁକ୍ତି, ଅର୍ଥସଂକଟରୁ ତ୍ରାହି, ଆତ୍ମୀୟଙ୍କ ଅନାଦର, ଗୃହସୀମା ବିବାଦ, ପିତୃବର୍ଗରେ ପୀଡା ॥

### ତୁଳା



ବନ୍ଧୁସମ୍ପର୍କରେ ଉନ୍ନତି, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ପାରିବାରିକ ବିବାଦ ବୃଦ୍ଧି, ଭ୍ରମଣ ସୁଯୋଗ ଜୁଟିବ, ତିକ୍ତତାର ସମାପ୍ତି, ଅତିଥି ଚର୍ଚ୍ଚାରୁ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, ମିଥ୍ୟାଭିଯୋଗ ଆସିପାରେ, କଳାସାହିତ୍ୟରୁ ପ୍ରଶଂସା ॥

### ବିଛା



ବନ୍ଧୁଙ୍କ ସ୍ୱାର୍ଥପରତା, ପୈତୃକ ସମ୍ପତିରେ ବିବାଦ, ସମାଲୋଚିତ ହୋଇପାରନ୍ତି, ନେତୃତ୍ୱ ଲାଭରୁ ଖୁସୀ, ବ୍ୟବସାୟରେ ସଫଳତା, ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିର ହେବ, ବୃତ୍ତିବାଣିଜ୍ୟରେ ଉନ୍ନତି, ଆନୁଷ୍ଠାନିକ କର୍ମାରମ୍ଭ, ନୂତନ ବନ୍ଧୁ ସମ୍ପର୍କ ॥

### ଧନୁ



ଉଚ୍ଚପଦବୀ ପ୍ରାପ୍ତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ପ୍ରଶାସନିକ ତତ୍ପରତା, ସାଂଗଠନିକ ସଭା, ପାରିବାରିକ ସଦ୍‌ଭାବ, ପରୋକ୍ଷ ଶତ୍ରୁତାରୁ ବିବାଦ, ଯାନବାହନ କ୍ରୟବିକ୍ରୟ, ପରୋପକାରରୁ ପ୍ରଶଂସା, ରଚନାତ୍ମକ କାର୍ଯ୍ୟରୁ ଆନନ୍ଦ।

### ମକର



ପାରିବାରିକ ସମସ୍ୟା, ଅପନିନ୍ଦା ପାଇବେ, ଦୁର୍ବଳ ମାନସିକତା, ବନ୍ଧୁଙ୍କ ସୁପରାମର୍ଶ, ଉତ୍ସାହିତ ହୋଇପାରନ୍ତି, ମକଦ୍ଦମାରେ ବିଜୟ, ଲୋକ ସମ୍ପର୍କ ବଢ଼ିବ, ଅନ୍ୟମନସ୍କ ରହିପାରନ୍ତି, କ୍ରୀଡାଚଳଚ୍ଚିତ୍ରରୁ ପ୍ରଶଂସା, ରାଜନୈତିକ ବିବାଦ,କର୍ମକ୍ଷେତ୍ରରେ ସ୍ଥାନାନ୍ତର ॥

### କୁମ୍ଭ



କଳ୍ପନା ବିଳାସୀ ହେବେ, ସହକର୍ମୀଙ୍କ ସମାଲୋଚନା, ବନ୍ଧୁଙ୍କ ବୃଥା ସନ୍ଦେହ, ଭୁଲ୍ ବୁଝାମଣାରୁ କଳହ, ରୋଗପୀଡା ଅନୁଭବ, ପରିସ୍ଥିତିର ମୁକାବିଲା, ଭ୍ରମଣ ସୁଯୋଗ ପ୍ରାପ୍ତି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ପରିବହନରେ ଉନ୍ନତି, ଧର୍ମକାର୍ଯ୍ୟରେ ନିଷ୍ଠା ॥

### ମୀନ



ମାନସିକ ଶାନ୍ତି, ପାରିବାରିକ ସୌଖ୍ୟ, ଭ୍ରମଣ ସୁଯୋଗ ଜୁଟିବ, ସନ୍ତାନ ହେତୁକ ଦ୍ୱନ୍ଦ୍ୱ, ବିବାଦଗ୍ରସ୍ତ ହୋଇପାରନ୍ତି, ସଙ୍ଗଦୋଷରୁ ସମାଲୋଚନା, ଅବହେଳାରୁ କାର୍ଯ୍ୟହାନୀ, ପଡୋଶୀଙ୍କ ସାହାଯ୍ୟ ॥

# କ୍ରିସ୍‌ମସ୍ ଟ୍ରିକୁ କେଉଁଠି ରଖିବା ଶୁଭ

ଖୁସିର ପର୍ବ କ୍ରିସ୍‌ମସ୍ ଆସିଲେ ଚାରିଆଡ଼େ ସକାରାତ୍ମକ ତଥା ଉତ୍ସବର ପରିବେଶ ଖେଳିଯାଏ। ସେଥିପାଇଁ ପ୍ରଭୁ ଯୀଶୁଙ୍କର ଏହି ମହାନ୍ ପର୍ବକୁ ଏବେ ସବୁ ଧର୍ମର ଲୋକେ ପାଳନ କରୁଥିବା ଦେଖାଯାଏ। ବିଶ୍ୱାସ ରହିଛି, ଏହି ପର୍ବର ମୁଖ୍ୟ ଆକର୍ଷଣ ଥିବା କ୍ରିସ୍‌ମସ୍ ଟ୍ରିକୁ ଯଦି ସୁନ୍ଦର ଭାବେ ସଜାଇ ଘରେ ରଖାଯାଏ ତା'ହେଲେ ସାଣ୍ଟା କ୍ଲଜ୍ ଆମ ପାଇଁ ଗୁଡ୍ ଲକ୍ ନେଇ ଆସିଥାନ୍ତି।



ତା'ଛଡ଼ା ଘରେ ବି ଅନେକ ସକାରାତ୍ମକ ଉର୍ଜାର ପ୍ରଭାବ ବଢ଼ିଥାଏ। ଯେମିତିକି: ଘର ଲୋକଙ୍କ ଭିତରେ ସମ୍ପର୍କ ମଜଭୁତ୍ ହୋଇଥାଏ। ଘରେ ଥିବା ବାସ୍ତୁଦୋଷ ଦୂରହୋଇ ଶୁଭଫଳ ପ୍ରାପ୍ତି ହୁଏ। ପରିବାର ସଦସ୍ୟଙ୍କର ଅବସାଦ ଦୂରହୋଇ ଘରେ ଖୁସିର ମାହୋଲ ଖେଳିଯାଇଥାଏ। ଏହାଛଡ଼ା ଘରେ ଯଦି କିଛି ନକାରାତ୍ମକ ଶକ୍ତିର ପ୍ରଭାବ ରହିଥାଏ, ତାହା ବି କ୍ରିସ୍‌ମସ୍ ଟ୍ରିର ପ୍ରଭାବରେ ନଷ୍ଟ ହୋଇଯାଇଥାଏ। ତେବେ କ୍ରିସ୍‌ମସ୍ ଟ୍ରିକୁ ରଖିବା ପାଇଁ ସବୁଠୁ ଭଲ ଦିଗ ହେଉଛି ଉତ୍ତର ଦିଗ। ଯଦି ଏହା ସମ୍ଭବ ହେଉନାହିଁ, ତା'ହେଲେ ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ ମଧ୍ୟ ଏହାକୁ ରଖିପାରିବେ। କିନ୍ତୁ ଭୁଲ୍‌ରେ ବି ଏହାକୁ ଘରର ମୁଖ୍ୟଦ୍ୱାରା ସମ୍ମୁଖରେ, କୌଣସି ଖମ୍ବ ପାଖରେ କିମ୍ବା ଅପରିଷ୍କାର ସ୍ଥାନରେ ରଖିବେ ନାହିଁ। କ୍ରିସ୍‌ମସ୍ ଟ୍ରିକୁ ସଜାଇବା ପାଇଁ ସର୍ବଦା ନାଲି କିମ୍ବା ହଳଦିଆ ରଙ୍ଗ ଲାଇଟ୍‌ର ବ୍ୟବହାର କରିବା ଶୁଭ ହୋଇଥାଏ।

# ପାଠକୀୟ

* ବୟସ ହୋଇଗଲେ ଆଶା ମଉଳିଯାଏ ଓ ଜୀବନ ସରି ସରି ଯାଏ ବୋଲି ଲୋକେ ଭାବନ୍ତି। କିନ୍ତୁ ଏମାନଙ୍କ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ। କାରଣ ଏମାନଙ୍କ ଇଚ୍ଛା ଓ ଆକାଂକ୍ଷା ଆଗରେ ବୟସ ହାର ମାନିଛି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପର୍ବତାରୋହୀ: ହାର୍ ମାନିଛି ବୟସ' ବେଶ୍ ନିଆରା ଥିଲା। 'ଅନ୍ୟର କେଉଁ ଜିନିଷ ବ୍ୟବହାର କରିବେ ନାହିଁ', 'ଘରେ ପାରା ଅଣ୍ଡା ଦେବା ଶୁଭ ନା ଅଶୁଭ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଅଶୋକ ମହାନ୍ତି, ପୁରୀ*

* ବୟସ ହୋଇଗଲେ ବି ଏମାନେ ଚଳଚଞ୍ଚଳ। ପର୍ବତାରୋହଣ ପରି ଦୁଃସାହସିକ କାର୍ଯ୍ୟ କରିବାକୁ ମଧ୍ୟ ଏମାନେ ପଛଘୁଞ୍ଚା ଦେଉନାହାନ୍ତି। ସେଥିପାଇଁ ଲାଗୁଛି ସତେ ଯେମିତି ଏମାନଙ୍କ ଆଗରେ ବୟସ ହାର୍ ମାନିଯାଇଛି; ଯାହାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପର୍ବତାରୋହୀ: ହାର୍ ମାନିଛି ବୟସ' ବେଶ୍ ମନଛୁଆଁ ହୋଇଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଅଭିନେତ୍ରୀ ଦେବଯାନୀ ଦେଘୁରିଆଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ପ୍ରିୟଙ୍କା ସାହୁ, ଭଦ୍ରକ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିଶୁ ସାହିତ୍ୟିକ, କବି, କଳାକାର, ଲେଖକ, ସଂଳାପକାର, ଗୀତିକାର, କାହାଣୀକାର ତଥା ଶିକ୍ଷାବିତ୍ ଡ.ରଜନୀରଞ୍ଜନ ଦାଶଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଘର ଜ୍ୱାଇଁ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଲାଗୁଥିଲା।

*– ରାହାସ ବିହାରୀ ନାୟକ, କେନ୍ଦ୍ରାପଡ଼ା*

* କବି, ଗୀତିକାର ଧରଣୀଧର ତ୍ରିପାଠୀଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ମନଛୁଆଁ ଥିଲା। 'ଆଉ ବେଶି ଶୁଭୁନି କେନ୍ଦରା ସ୍ୱର' ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ମଡେଲ ମିରର୍‌ରେ ପ୍ରିୟଙ୍କାଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ସହର ପୃଷ୍ଠାରୁ ଆଧ୍ୟାତ୍ମିକ କ୍ଷେତ୍ର ମୟଲାପୁର ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ସିପୁନ୍ ଦାଶ, ମୟୂରଭଞ୍ଜ*

* ବିବିଧା ପୃଷ୍ଠାରୁ 'ଅଟୋରିକ୍ସାରେ ତିନୋଟି ଚକ ଥାଏ କାହିଁକି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାଟି ପଢ଼ିବାକୁ ବେଶ୍ ମଜା ଲାଗୁଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ସମସ୍ତ ପାଠ ପଢ଼ିବାକୁ ଖୁବ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ତ୍ରିଲୋଚନ ରାଉତରାୟ, ଭବାନୀପାଟଣା*



## ବିଶେଷ ଚିଠି

ଏଥର ପ୍ରଚ୍ଛଦ ପ୍ରସଙ୍ଗରେ ଥିଲା
ପର୍ବତାରୋହୀ: ହାର୍ ମାନିଛି ବୟସ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ସେଲିବ୍ରିଟି ସିକ୍ରେଟ୍ ବି
ହୋଇଥିଲା ଭାରି ବଢ଼ିଆ
ଅଭିନେତ୍ରୀ ଦେବଯାନୀଙ୍କ
ବିଷୟରେ ଜାଣିଲା ସାରା ଦୁନିଆ।
ସୃଜନ, ସିନେମା, ସହର ବି
ଥିଲା ଭାରି ଚମତ୍କାର,
ସତରେ ଛୁଟିଦିନ ତୁମର ସବୁ ପୃଷ୍ଠା
କରେ ଆମକୁ ବିଭୋର।

*– ସଂଯୁକ୍ତା ବିଶୋଇ, ବ୍ରହ୍ମପୁର*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଶୀତର ସାଥୀ

**ପ୍ରବଳ ଶୀତରେ ଥରୁଥିବା ମଣିଷମାନଙ୍କ ଦେହରେ କମ୍ବଳଟେ ଘୋଡ଼େଇ ଦେଇ ତାଙ୍କ ମୁହଁରେ ହସ ଫୁଟାଇ ନିଜେ ଖୁସି ହେଉଥିବା ଏମିତି ଅନେକ ଲୋକ ଅଛନ୍ତି, ଯାହାଙ୍କୁ ପ୍ରକୃତରେ ଶୀତର ସାଥୀ କୁହାଯାଇପାରେ..**









ଶୀତରେ ପୌଷ ମାଘ ମାସ ଦେହରେ ରଖ ଶୀତବାସ। କିନ୍ତୁ ଶୀତବାସ ଘୋଡ଼ାଇ ହୋଇ ରହିବାର ଭାଗ୍ୟ ଅନେକଙ୍କର ନ ଥାଏ। ତାଙ୍କ ପାଇଁ ଶୀତ ଏକ ଅହେତୁକ ଡର। ବିନା ଶୀତବସ୍ତ୍ରରେ କେମିତି ପୁରା ଶୀତଦିନ କାଟିବେ ଏହି ଚିନ୍ତା ତାଙ୍କୁ ଘାରିଥାଏ। ଖାଲି ତାଙ୍କୁ ଘାରୁ ନ ଥାଏ ସେମାନଙ୍କ ଅବସ୍ଥା ଦେଖି ଆଉ କିଛି ଲୋକଙ୍କୁ ବି ଚିନ୍ତା ଘାରେ କେଉଁଠୁ କେମିତି ତାଙ୍କ ପାଇଁ ଶୀତବସ୍ତ୍ର ଆଣିଦେବେ। ପ୍ରବଳ ଶୀତରେ ସେମାନଙ୍କ ଦେହରେ କମ୍ବଳଟେ ଘୋଡ଼େଇ ଦେଇ ତାଙ୍କ ମୁହଁରେ ହସ ଫୁଟାଇବା ଚେଷ୍ଟା କରୁଥିବା ଅନେକ ଲୋକ ଆମରି ଭିତରେ ଅଛନ୍ତି, ଯାହାଙ୍କୁ ଶୀତର ସାଥୀ ବୋଲି କୁହାଯାଇପାରେ। ଯେଉଁମାନେ ଶୀତରାତିରେ ବୁଲି ବୁଲି ନିଜ ସାଧ୍ୟମତେ ଶୀତବସ୍ତ୍ର ବଣ୍ଟନ କରିଥାନ୍ତି। ସେମିତି କେତେଜଣଙ୍କ ସମ୍ପର୍କରେ...

## ମା' ଥିଲେ ପ୍ରଥମ ପ୍ରେରଣା– ଲକ୍ଷ୍ମୀ ପ୍ରସାଦ

ଶୀତରାତିରେ କମ୍ବଳ ଓ ଖାଦ୍ୟ ପୁଡ଼ିଆ ଧରି ଫୁଟପାଥ୍ ଓ ହସ୍ପିଟାଲ ଆଦି ସାମ୍ନାରେ ଶୀତରେ ଥୁରୁ ଥୁରୁ ହୋଇ ଶୋଇଥିବା ଗରିବ ଲୋକଙ୍କ ଦେହରେ ଯିଏ ସ୍ନେହରେ କମ୍ବଳଟିଏ ଘୋଡ଼େଇ ଦେଇ ତାଙ୍କ ଖୁସିରେ ନିଜ ଖୁସିକୁ ଅନୁଭବ କରନ୍ତି ସେ ହେଲେ ଲକ୍ଷ୍ମୀପ୍ରସାଦ ରାଉତ। ପିତା କାଳୀଚରଣ ରାଉତ ଓ ମା' ଉର୍ମିବାଳା ରାଉତ। ଘର କଟକ ଜିଲା ବାଙ୍କି ଅନ୍ତର୍ଗତ ରଗଡ଼ି ଗ୍ରାମରେ। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟରୁ ଇତିହାସରେ ସ୍ନାତକୋତ୍ତର କରିଥିବା ଲକ୍ଷ୍ମୀପ୍ରସାଦ ପେସାରେ ଜଣେ ଚିତ୍ରକର। ସେଇଥିରୁ ସେ ଯାହା ରୋଜଗାର କରନ୍ତି ନିଜର ସାଧମତେ କମ୍ବଳ ଓ ଚାଦର କିଣି ଫୁଟପାଥରେ ଥିବା ଅସହାୟ ଲୋକଙ୍କୁ ବାଣ୍ଟନ୍ତି।ତାଙ୍କର ଏହି ମହତ କାମ ସମ୍ପର୍କରେ ସେ କୁହନ୍ତି,'ଖୁବ୍ ଛୁଆ ବେଳେ ଗାଁର ଶୀତଦିନରେ ରାତି ଆମ ମାନଙ୍କ ପାଇଁ ଖୁବ୍ ଆରାମ ଦାୟକ ଥାଏ। ବାପା ରେଳବାଇରେ କଲିକତାରେ ଚାକିରି କରିଥାନ୍ତି। ଶୀତ ଋତୁ ପୂର୍ବରୁ ଦଶହରା ବେଳକୁ ସାଲିମାର୍ ବଜାରରୁ ଭାଇ ଭଉଣୀ ଓ ବୋଉ ପାଇଁ ସବୁ ବର୍ଷ ଆଣନ୍ତି ସାଲ୍ ଓ କମ୍ବଳ। ଆମ ପାଖ ପଡିଶାର ଅନେକ ଗରିବ ପରିବାର ଶୀତ ଦିନେ ଛିଣ୍ଡା ଅଖା ବସ୍ତା ଓ କନ୍ଥା ଘୋଡିହୋଇ ଶୀତକୁ ସାମ୍ନା କରନ୍ତି ସେ କାଳେ। ବୋଉ ଥିଲା ଖୁବ୍ ଦୟାଳୁ। ଆମେ ଚାରିଭାଇ ଓ ଭଉଣୀ ଏବଂ ବୋଉର ଯେତକ ପୁରୁଣା ସାଲ୍, ସୁଇଟର ଓ କମ୍ବଳ ଥାଏ ଗୋଟିଏ ବଡ ବ୍ୟାଗ୍‌ରେ ଭର୍ତ୍ତି କରି ବୋଉ ମୋ ହାତରେ ପଠେଇ ଦିଏ ଆଖ ପାଖର କିଛି ଗରିବ ପରିବାରଙ୍କୁ ଦେଇ ଆସିବାକୁ। ମୋ ଉପର ଭାଇ ବ୍ୟାଗ୍ ଧରିଥାଏ ଆଉ ମୁଁ ଆନନ୍ଦ ମନରେ ଗୋଟିଏ ପରେ ଗୋଟିଏ ଶୀତବସ୍ତ୍ର ସେମାନଙ୍କୁ ବାଣ୍ଟିବା ବେଳେ ଖୁବ୍ ଖୁସୀ ଲାଗେ। ବେଳେବେଳେ ଲାଗେ ମୁଁ ବଡ ହେଇ ଟଙ୍କା ରୋଜଗାର କଲେ ପୁରୁଣା ନୁହେଁ ନୂଆ ଶୀତବସ୍ତ୍ର ଏମାନଙ୍କୁ ଦେବି। ସମୟ ଗଡିଚାଲେ। କଲେଜ୍ ପଢିଲା ଯାଏ ବୋଉ ପ୍ରତିବର୍ଷ ମୋ ହାତରେ ଏହି ମହତ କାର୍ଯ୍ୟ ଜାରି ରଖିଥାଏ। ୧୯୯୫ ମସିହାରେ ଥରେ କଲେଜ ବେଳର ଜଣେ ସାଙ୍ଗ ତା' ବାପାଙ୍କୁ ଜନ୍ମଦିନ ଉପହାର ଦେବାପାଇଁ ମୋଠୁ ଗୋଟେ ପୋର୍ଟ୍ରେଟ୍ ନେଲା ଆଉ ବଦଳରେ ଖୁସୀ ହୋଇ ତିନିଶହ ଟଙ୍କା ଦେଲା। ପ୍ରଥମ ରୋଜଗାରକୁ ହାତରେ ଧରି ଖୁସୀ ମନରେ ଚାରିଟା ପତଳା କମ୍ବଳ ଓ କିଛି ଖାଦ୍ୟ ପୁଡିଆ ଧରି ଗାଁର ଶେଷ ପଟେ ଥିବା ଆଦିବାସୀ ଶବର ସାହିର ଜଣେ ଗରିବ ବୁଢୀ ମା' ଓ ତିନିଜଣ ମଉସାଙ୍କୁ ଦେଇ ଦେଲି। ବଦଳରେ ସେମାନଙ୍କର ମୁହଁର ଆନନ୍ଦ ଓ ଆଶୀର୍ବାଦରେ ମୋ ପେଟ ପୁରିଗଲା ପରି ଲାଗୁଥାଏ। ବାସ୍ ତା' ପରେ ବର୍ଷ ସାରା ଚିତ୍ର କରି ଯାହା ରୋଜଗାର କରିଥାଏ ସେହି ଟଙ୍କାରୁ ଗରିବ ଲୋକଙ୍କ ପାଇଁ କମ୍ବଳ କିଣି ବଣ୍ଟିଥାଏ। ୨୦୨୦ କରୋନା ସମୟରେ ସେବା କାର୍ଯ୍ୟରେ ଓଡିଶାର ବିଭିନ୍ନ ସହରକୁ ଯାଇ ଦେଖେ ଶୀତ ରାତିରେ ରେଳ ଷ୍ଟେସନ ଓ ଫୁଟପାଥ୍‌ରେ ଅନେକ ଅସହାୟ ଲୋକ ଖୋଲା ଆକାଶ ତଳେ ଫୁଙ୍ଗୁଳା ଶୋଇଥାଆନ୍ତି। ଖୁବ୍ କଷ୍ଟ ଲାଗେ ନିଜର ସିମୀତ ଆୟରେ ଶତାଧିକ ଲୋକଙ୍କୁ ଖାଦ୍ୟ ଓ କମ୍ବଳ ବଣ୍ଟନ ସମ୍ଭବ ହେଉ ନଥାଏ। ତା'ପରେ 'ସେବା ବିନ୍ଦୁ' ଗ୍ରୁପ ନାମରେ ଏକ ହ୍ୱାଟ୍ସଆପ୍ ଗ୍ରୁପ ଖୋଲି ଫେସବୁକର କିଛି ବନ୍ଧୁ ଶୁଭେଚ୍ଛୁଙ୍କୁ ସେଥିରେ ସାମିଲ କଲି। ସମସ୍ତଙ୍କ ମିଳିତ ସହଯୋଗରେ ପ୍ରତିବର୍ଷ ଭୁବନେଶ୍ୱର, କଟକ, ପୁରୀ, ଜଟଣୀ ସମେତ ବିଭିନ୍ନ ରେଳ ଷ୍ଟେସନ ପାଖରେ ଥିବା ଅସହାୟ ଲୋକଙ୍କ ପାଖେ ଅଟୋ ଭଡା କରି ଖାଦ୍ୟ ଓ କମ୍ବଳ ନେଇ ବିଳମ୍ବିତ ରାତିରେ ବଣ୍ଟନ କରେ। ଥରେ ପୁରୀରୁ ବିଳମ୍ବିତ ରାତିରେ ସେବା କାମ ସାରି ଫେରୁଥିବା ବେଳେ ବାଟରେ କିଛି ଅସାମାଜିକ ନିଶାଖୋର ଯୁବକ ମୋତେ ଓ ମୋ ବନ୍ଧୁ ଜ୍ଞାନରଞ୍ଜନ ମିଶ୍ରଙ୍କୁ ଆକ୍ରମଣ କରି ଟଙ୍କା, ମୋବାଇଲ ଆଦି ଛଡେଇ ନେଇଥିଲେ ବି ସେଥିରେ ଦବି ନ ଯାଇ ସେବା କାର୍ଯ୍ୟ ଜାରୀ ରଖିଛି। ମହାପ୍ରଭୁଙ୍କ କୃପାରୁ ଜୀବନର ଶେଷଯାଏ ଏମିତି ଅସହାୟମାନଙ୍କୁ କମ୍ବଳ ଓ ଶୀତବସ୍ତ୍ର ବଣ୍ଟନ କରୁଥିବି।

## ଜୀବନର ଶେଷ ଯାଏ କରୁଥିବି– ନରେନ୍ଦ୍ର ବେହେରା

ବାଲେଶ୍ୱର ଜିଲା ଖଇରା ବ୍ଲକ ଖଇରା ପଞ୍ଚାୟତ ଅଧୀନ ଆଳଦା ଗ୍ରାମର ନରେନ୍ଦ୍ର ପ୍ରସାଦ ବେହେରା । ସ୍କୁଲ ପଢା ବୟସରୁ ତାଙ୍କର ସମାଜସେବା ପ୍ରତି ଆଗ୍ରହ ଥିଲା । ହେଲେ ସେ ଉପଯୁକ୍ତ ପ୍ଲାଟଫର୍ମ ପାଉ ନ ଥିଲେ । ପରେ ସେ ନିଜସ୍ୱ ଉଦ୍ୟମରେ ଏକ ଅନୁଷ୍ଠାନ ଗଢ଼ି ସମାଜସେବା କରିବା ଆରମ୍ଭ କଲେ। ୫ ବର୍ଷ ଧରି ସେ ଏହି କାମ ଜାରି ରଖିଛନ୍ତି । ଯେଉଁଥିରେ ସେ ଗରିବ, ଅସହାୟ ଲୋକଙ୍କୁ ଶୀତବସ୍ତ୍ର, ଶାଢ଼ି, ପିଲାମାନଙ୍କୁ ଡ୍ରେସ ଓ ଶୁଖିଲା ଖାଦ୍ୟ ଇତ୍ୟାଦି ବଣ୍ଟନ କରିଥାନ୍ତି। ସେ କୁହନ୍ତି,'ପ୍ରଥମେ ଖଇରା ବ୍ଲକର କେତେକ ଗାଁରେ ଏହି ସେବା କାର୍ଯ୍ୟ କରୁଥିଲି। ଗତବର୍ଷ ଔପଦା ବ୍ଲକର ଆଦିବାସୀ ସାହିରେ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା, ଏ ବର୍ଷ ବି ପ୍ରାୟ ୫୦ଖଣ୍ଡ ଶୀତବସ୍ତ୍ର ବଣ୍ଟନ ହୋଇଛି। ଏ ବର୍ଷ ଭଦ୍ରକ ଜିଲା ଆରଡ଼ି ପୀଠ, ଗୋବିନ୍ଦପୁର ପଞ୍ଚାୟତର ଗୋବିନ୍ଦପୁର ଜଗନ୍ନାଥ ମନ୍ଦିର, କଲିଆ ପଞ୍ଚାୟତ ସନ୍ତୋଷୀ ମା' ମନ୍ଦିର, କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠ, ହାଟଡିହୀ ବ୍ଲକ ମଠସାହି ସ୍ଥିତ ମା' ଦୁଆରଶୁଣୀ ପୀଠ, କୃଷ୍ଣପ୍ରିୟା ବାଳାଶ୍ରମ ସମେତ ବିଭିନ୍ନ ସ୍ଥାନରେ ରହୁଥିବା ଅସହାୟ ଗରିବ ଲୋକଙ୍କୁ ଶୀତବସ୍ତ୍ର ଓ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ମୋତେ ମାନସିକ ଶାନ୍ତି ମିଳୁଛି। ସେଥିପାଇଁ ଏହି ଅନୁଷ୍ଠାନ ମାଧ୍ୟମରେ ସେବା କାର୍ଯ୍ୟ ଜାରି ରଖିଛି । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଯେତେ ଦୁଃଖ କଷ୍ଟ ଆସିଲେ ମଧ୍ୟ ଏପରି ସେବା କାର୍ଯ୍ୟକୁ ଜାରି ରଖିବି ବୋଲି ପ୍ରତିଜ୍ଞା କରିଛି।

## ପେନ୍‌ସନ୍ ଟଙ୍କାରେ କରୁଛି ଏହି ସେବା କାର୍ଯ୍ୟ:ଦୀପକ ଜେନା

ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ ଅଧୀନ ନୂଆଗାଁର ଦୀପକ କୁମାର ଜେନା ଜଣେ ଅବସର ପ୍ରାପ୍ତ ସୈନିକ। ସେ କୁହନ୍ତି, ରାଜନୀତି ବିଜ୍ଞାନରେ ମାଷ୍ଟରଡିଗ୍ରୀ ହାସଲ କରିଛି। ପରେ ସାମରିକ ବାହିନୀରେ ସୈନିକ ଭାବେ ୧୭ ଅକ୍ଟୋବର ୨୦୦୨ରେ











ଯୋଗଦେଇଥିଲି । ଏହା ପରେ ୨୦୨୩ରେ ଉକ୍ତ ସେବା କାର୍ଯ୍ୟରୁ ଅବସର ନେଇସାରିଛି। ଥରେ ଚାକିରି ସମୟରେ ଛୁଟିରେ ୨୦୧୩ ମସିହା କାର୍ତ୍ତିକ ପୂର୍ଣିମା ଦିନ ଗାଁକୁ ଆସିଥିଲି। ସେତେବେଳେ ଗାଁର ଗରିବ ମହିଳାଙ୍କୁ ନୂଆଲୁଗା ଓ ୩୦ଖଣ୍ଡ ଶୀତବସ୍ତ୍ର ବଣ୍ଟନ କରିଥିଲି। ଆଉ ସେବେଠାରୁ ଆଉ ପଛକୁ ଚାହିଁ ନାହିଁ। ଏଥିରେ ମୋତେ ଆନନ୍ଦ ମିଳିଥାଏ । ପ୍ରତିବର୍ଷ ଶୀତଦିନେ ଆମ ଚିଲିକା ଅଞ୍ଚଳରେ କିଛି ଶୀତବସ୍ତ୍ର ବଣ୍ଟନ କରିଥାଏ। ଚଳିତ ବର୍ଷ ମାଲୁଦ ଗ୍ରାମପଞ୍ଚାୟତ ବାଲିସାହିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶୀତବସ୍ତ୍ର ବଣ୍ଟନ କରିଛି। ବର୍ତ୍ତମାନ ମୋ ପେନ୍‌ସନ ଟଙ୍କାରୁ ବର୍ଷକୁ ପ୍ରାୟ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏହି ସେବାକାର୍ଯ୍ୟରେ ଲଗାଉଛି।'


ଶର୍ମିଷ୍ଠା ମହାନ୍ତି

**ପ୍ରତିବର୍ଷ ଚାଲିଛି ଏହି କାର୍ଯ୍ୟ: ସୁଶାନ୍ତ ସାହୁ**

ଶୀତଦିନେ ରାତିରେ ଲୋକଙ୍କୁ ରାସ୍ତାକଡ଼ରେ ବିନା ଶୀତବସ୍ତ୍ରରେ ଥିବାର ଦେଖି ତାଙ୍କ ମନ କଷ୍ଟ ହୁଏ। ନିଜ ରୋଜଗାରରେ ସାଧ୍ୟମତେ ସେ ଏମାନଙ୍କୁ ଶୀତବସ୍ତ୍ର ଦେଇ ତାଙ୍କ ମୁହଁରେ ହସ ଫୁଟାଇଥାଆନ୍ତି। ସେ ହେଲେ ସୁଶାନ୍ତ ସାହୁ । ସେ କୁହନ୍ତି, '୨୦୧୦ମସିହାଠାରୁ ଅଦ୍ୟାବଧି ପ୍ରତିବର୍ଷ ଶୀତଦିନେ ରାସ୍ତାକଡ଼ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଗରିବ ଅସହାୟ ଏବଂ ରୋଗୀଲୋକଙ୍କୁ ଶୀତବସ୍ତ୍ର ସହ ରୁଟି, ବିସ୍କୁଟ ବଣ୍ଟନ କରିଆସୁଛି। ରାସ୍ତାକଡ଼ କିମ୍ବା କୌଣସି ବିଶ୍ରାମ ସ୍ଥଳୀରେ ବିଶ୍ରାମ ନେଉଥିବା ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥାଏ। ଏହାଛଡ଼ା ଭୁବନେଶ୍ୱର ଉପକଣ୍ଠରେ ଥିବା ଲେପର୍ସୀ କଲୋନୀ ଏବଂ ଆଦିବାସୀ ପଲ୍ଲୀ କନ୍ଦଲେଇ ଅଞ୍ଚଳକୁ ଯାଇ ସେଠାରେ ରହୁଥିବା ଆଦିବାସୀ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥାଏ। ପ୍ରତିବର୍ଷ ପ୍ରାୟ ଶତାଧିକ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରିଆସୁଛି। ଏହି କାର୍ଯ୍ୟରେ ମୋ ସହିତ ମୋର କିଛି ବନ୍ଧୁ ବି ସାମିଲ ହୋଇଥାନ୍ତି।

**ପକେଟ୍ ମନିରୁ କରିଥିଲି ଆରମ୍ଭ: ସସ୍ମିତା ପଲେଇ**

ସ୍କୁଲ ସମୟରୁ ସେ ବିଭିନ୍ନ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହୀ ଥିଲେ। ଏବେ ସେ ଜଣେ ଡାଏଲିସିସ୍ ଥେରାପିଷ୍ଟ। ସେ ହେଲେ ସସ୍ମିତା ପଲେଇ। ସେ କୁହନ୍ତି, 'ଚିଲିକା ଅଞ୍ଚଳର ସିଆଣ୍ଡି ଗାଁରେ ଆମ ଘର। ମୁଁ ସେତେବେଳେ ଭୁବନେଶ୍ୱରରେ ରହୁଥାଏ। ମେଡିକାଲ କାମସାରି ରାତିରେ ଘରକୁ ଫେରିଲା ବେଳେ ଶୀତଦିନେ ରାସ୍ତାକଡ଼ରେ ଅସହାୟ ଲୋକଙ୍କୁ ଦେଖେ। ସେମାନେ ପ୍ରବଳ ଶୀତରେ ଥରୁଥାଆନ୍ତି। କେହିକେହି ନିଆଁ ପୁଆଉଁଥାଆନ୍ତି। ମୋ ମନ ଖୁବ ଦୁଃଖ ହୁଏ। ସେଥିପାଇଁ ଦିନେ ମୋ ପାଖରେ ରଖିଥିବା ପକେଟ ମନିରେ ୧୨ଖଣ୍ଡ କମ୍ବଳ କିଣି ଖଣ୍ଡଗିରି, ଘାଟିକିଆ ରାସ୍ତାର କେତେଜଣ ଅସହାୟ ଲୋକଙ୍କୁ ଦେଇଥିଲି। ସେବେଠାରୁ ଆଜକୁ ୬ବର୍ଷ ହେଲା ମୋର ଏହି କାର୍ଯ୍ୟ ଜାରି ରହିଛି । ପ୍ରତିବର୍ଷ ଶୀତଦିନେ ନିଜସ୍ୱ ଉଦ୍ୟମରେ ଶତାଧିକ ଶୀତବସ୍ତ୍ର କିଣି ଗରିବ ଲୋକଙ୍କୁ ବାଣ୍ଟି ଖୁସି ପାଏ। ଚଳିତବର୍ଷ ଆମ ଗାଁ ନିକଟ ସାନଅଁଳ ଗାଁରେ ୩୦ଖଣ୍ଡ ଶୀତବସ୍ତ୍ର ଦେଇଥିଲୁ। ମୋ ସହିତ ଅମିତା ଦିଦି, ଦୁର୍ଗାଭାଇ, ବିଟିଭାଇ ସହଯୋଗ କରିଥିଲେ ।

**ତିନି ଦଶନ୍ଧୀ ଧରି ଚାଲିଛି: ଶର୍ମିଷ୍ଠା ମହାନ୍ତି**

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର କୁଆଝରନ୍‌ଠାରେ ସେ ଏକ ଆଶ୍ରମ କରିଛନ୍ତି। ଯେଉଁଥିରେ ଜୁଆଙ୍ଗମାନଙ୍କ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିଥାନ୍ତି। ଯିଏକି ଗୁନୁ ଅପା ଭାବେ ଏହି ଅଞ୍ଚଳରେ ଜଣାଶୁଣା। ସେ କୁହନ୍ତି, 'ଆମ ଘର ଜଗତ୍‌ସିଂହପୁର ଜିଲାରେ। ୧୯୯୨ ମସିହାରୁ କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକର ପିଟାପିଟି ଗ୍ରାମପଞ୍ଚାୟତ ଅଧୀନ କୁଆଝରନଠାରେ ଆସି ସମାଜସେବା କାର୍ଯ୍ୟରେ ସାମିଲ ହୋଇଛି। ୧୯୯୬ ମସିହାଠାରୁ ଆଜିଯାଏ ଶୀତଦିନେ ଏହି ଅଞ୍ଚଳର ଗରିବ ଅସହାୟ ତଥା ଆଦିବାସୀ ଭାଇଭଉଣୀଙ୍କୁ ଶୀତବସ୍ତ୍ର ବଣ୍ଟନ କରିଆସୁଛି। ଏଥିରେ ଶାନ୍ତି ଆଶ୍ରମର ଭାଇ ଭଉଣୀମାନେ ସହଯୋଗ କରିଥାନ୍ତି। ଏମିତିରେ ଦୀର୍ଘ ୩ ଦଶନ୍ଧି ବିତିଗଲାଣି। ଆଗକୁ ବି ମୋର ଏହି କାର୍ଯ୍ୟ ଜାରି ରହିବ।


ଲକ୍ଷ୍ମୀପ୍ରସାଦ ରାଉତ

**ପ୍ରବୀର କୁମାର ଦାଶ–** କଟକ ଜିଲାର ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ପ୍ରବୀର କୁମାର ଦାଶ, ଯିଏକି ଜଣେ ସାମାଜିକ କର୍ମୀ। ଆଇନ ପାଠ ପଢିଥିଲେ ମଧ୍ୟ ନିଜକୁ ସର୍ବଦା ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ କରିଥାନ୍ତି। ସେ କୁହନ୍ତି, 'ପିଲାଦିନରୁ ଲୋକଙ୍କ ସହିତ ମିଶିବାକୁ ଭଲଲାଗେ, ୧୯୮୮ମସିହାରୁ ମାଟ୍ରିକ ପରେ ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବା, ଅସହାୟଙ୍କୁ ସହାୟତା ପାଇଁ ପ୍ରୟାସ କରିଛି। ପଶୁପକ୍ଷୀଙ୍କୁ କିଛି ଜଳ ଓ ଖାଦ୍ୟ ଦେବାର ବ୍ୟବସ୍ଥା କରିଥାଏ। ପ୍ରକୃତିକୁ ପୂଜା କରିବା ସହ କେତେକ ଔଷଧୀୟ ବୃକ୍ଷ ଲଗାଇଛି। ବୃକ୍ଷରୋପଣ କରିବାବେଳେ ମୋତେ ବହୁତ ମାନସିକ ଶାନ୍ତିମିଳେ। ଅସୁବିଧାରେ ଥିବା ଲୋକଙ୍କୁ ସାଧ୍ୟମତେ ସାହାଯ୍ୟ କରିଆସୁଛି। ବାପା କହିଥିଲେ ନିଜ ରୋଜଗାରର ୨୦ଭାଗ ଦାନ କରିବାକୁ ଏବଂ ମୋ ମା' ମୋତେ ଶିଖାଇଥିଲେ ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି... । ମୁଁ ଉଭୟଙ୍କ କଥା ରଖିଛି, ରୋଜଗାରର ୨୦ଭାଗ ଅସହାୟ ଲୋକଙ୍କୁ ପ୍ରଦାନ କରୁଛି। ବିଭିନ୍ନ ସାମାଜିକ ସଂଗଠନ ଓ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଅସହାୟ ଗରିବଲୋକଙ୍କୁ ସାହାଯ୍ୟ କରିବା ପାଇଁ ସେମାନଙ୍କ ପାଖରେ ପହଞ୍ଚି ଥାଏ। ପ୍ରତିବର୍ଷ ଆମ ଅଞ୍ଚଳରେ କେତେଜଣ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥାଏ। ଚଳିତବର୍ଷ ପ୍ରାୟ ଶହେଟି ଶୀତବସ୍ତ୍ର ବଣ୍ଟନ କରିପାରିଛି। ଏହି କାମରେ ମତେ ମାନସିକ ଶାନ୍ତି ମିଳୁଛି।


ସୁଶାନ୍ତ ସାହୁ

**ପକେଟ ମନିରୁ ଆରମ୍ଭ: ଗଗନବିହାରୀ ଜେନା**

–ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକରେ ରହିଛି ବାବା କମଳେଶ୍ୱର ଦେବ ସମାଜସେବା ସଂଗଠନ। ଏହାର ସମ୍ପାଦକ ଗଗନବିହାରୀ ଜେନା କୁହନ୍ତି, 'ମୁଁ ଜଣେ ପୋଲିସ କର୍ମ ଚାରୀ। ବଡ଼ଝାଡ଼ ଗାଁରେ ମୋ ଘର। ଥରେ ମୁଁ ଏବଂ ମୋର ସାଙ୍ଗ ସୁବାଷ ପଲେଇ ସନ୍ଧ୍ୟାବେଳେ ବାବା କମଳେଶ୍ୱର ଦେବଙ୍କ ପୀଠ ବସିଥିଲୁ। ଭାବିଲୁ ଲୋକଙ୍କ ପାଇ କିଛି କାମ କରିବୁ। ପରେ ଆମ ସହିତ ସାତଜଣ ଯୁବକ ଏକାଠି ହୋଇ ଗରିବ ଏବଂ ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ସେବା କଲୁ। ଆମେ ଦେଖିଲୁ କିଛି ଗରିବ ଲୋକ ଶୀତ ଦିନେ ଖୁବ୍ କଷ୍ଟ ପାଉଛନ୍ତି। ଆମେ ନିଜନିଜର ପକେଟମନିରେ ସେମାନଙ୍କ ପାଇଁ ଶୀତବସ୍ତ୍ର ଆଣି ତାଙ୍କୁ ଦେଇଥିଲୁ। ସେହି ୨୦୧୮ ମସିହାରୁ ଆଜିଯାଏ ପ୍ରତିବର୍ଷ ଶୀତଦିନେ ଗରିବ,ଅସହାୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଆସୁଛୁ। ଏଥିପାଇଁ ସଂଗଠନର କେତେଜଣ ସଦସ୍ୟ ଆମ ଅଞ୍ଚଳର ଗାଁ ଗାଁ ବୁଲି ସେବାଭିକ୍ଷା ବି କରିଥାନ୍ତି। ଏଥିସହିତ ସମସ୍ତ ସଦସ୍ୟ ନିଜନିଜର ସଞ୍ଚିତ ପକେଟ୍‌ମନିକୁ ସଂଗ୍ରହକରି ଶୀତବସ୍ତ୍ର କିଣି ବାଣ୍ଟିଥାନ୍ତି।


ସସ୍ମିତା ପଲେଇ

କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଆହୁରି ଅନେକ ସହୃଦୟ ମଣିଷ ଅଛନ୍ତି, ଯେଉଁମାନେ କି ଗରିବ ଅସହାୟ ଲୋକଙ୍କୁ ଶୀତଦିନେ ମାଗଣାରେ ଶୀତବସ୍ତ୍ର ବଣ୍ଟନ କରିଥାନ୍ତି।

**–ବନବିହାରୀ ବେହେରା, କୈଳାସ ପଟ୍ଟନାୟକ**


ପ୍ରବୀର ଦାଶ


ଦୀପକ ଜେନା


ନରେନ୍ଦ୍ର ବେହେରା


# କ୍ରିସ୍‌ମସ୍‌ରେ ରେଡ୍ ଫ୍ୟାଶନ

**କ୍ରିସ୍‌ମସ୍ ଅବସରରେ ଗର୍ଜିୟସ୍ ଲୁକ୍ ଦେଇଥାଏ ରେଡ୍ କଲର୍‌ର ଆଉଟ୍‌ଫିଟ୍ । ତେବେ କେଉଁ ଟାଇପ୍‌ର ରେଡ୍ କଲର୍‌ର ଆଉଟ୍‌ଫିଟ୍‌କୁ କିଭଳି ଷ୍ଟାଇଲ୍ କଲେ ପର୍‌ଫେକ୍ଟ କ୍ରିସ୍‌ମସ୍ ଲୁକ୍ ପାଇହେବ ଜାଣନ୍ତୁ ସେ ସମ୍ପର୍କରେ..**



**ରେଡ୍ ଶାଢ଼ି:** କେତେଜଣ ଝିଅଙ୍କୁ ଦେଶୀ ଲୁକ୍ ଖୁବ୍ ଭଲ ମାନିଥାଏ । ସେମାନେ ଚାହିଁଲେ କ୍ରିସ୍‌ମସ୍ ଅବସରରେ ରେଡ୍ ବା ନାଲି ରଙ୍ଗର ଶାଢ଼ି ପିନ୍ଧି ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ । ଶାଢ଼ିରେ ଟିକେ ଭିନ୍ନ ଦେଖାଯିବା ପାଇଁ ରେଡ୍ କଲର୍‌ର ରଫଲ୍ସ ଶାଢ଼ି ସାଙ୍ଗକୁ ଫୁଲ୍ ସ୍ଲିଭ୍ ବ୍ଲାଉଜ୍ ଅଥବା କ୍ରପ୍ଡ ସ୍ୱେଟରକୁ ପେୟାର କରି ପିନ୍ଧିପାରିବେ । ହାଇ ହିଲ୍ ଓ ଅକ୍ସିଡାଇଜ୍ଡ ଜୁଏଲେରି ଏହା ସାଙ୍ଗକୁ ଭଲ ମାନିଥାଏ ।

**✲ ମ୍ୟାକ୍ସି ଡ୍ରେସ୍:** ଟ୍ରାଡିଶନାଲ୍ ଲୁକ୍‌ରେ ବି ଟିକେ ମଡର୍ନ ଟଚ୍ ଦେଇଥାଏ ଏହି ଡ୍ରେସ୍ । ତେବେ କ୍ରିସ୍‌ମସ୍ ଅବସରରେ ଲୁକ୍‌କୁ ଆଉ ଟିକେ ହାଇଲାଇଟ୍ କରିବାକୁ ଚାହୁଁଥିଲେ, ଝିଅମାନେ ରେଡ୍ କଲର୍‌ର ଅଫ୍ ସୋଲ୍ଡର ମ୍ୟାକ୍ସି ଡ୍ରେସ୍ ବି ଟ୍ରାଏ କରିପାରିବେ । ଏହା ସାଙ୍ଗକୁ ଲେଦର ଜ୍ୟାକେଟ୍ ବି କ୍ୟାରି କରିପାରିବେ ।



**✲ ଟ୍ରେଞ୍ଚ କୋଟ୍:** କ୍ରିସ୍‌ମସ୍ ଅବସରରେ ରେଡ୍ କଲର୍‌ର ଟ୍ରେଞ୍ଚ କୋଟ୍‌କୁ ବି ବେଷ୍ଟ ଚଏସ୍ ଭାବେ ବାଛିପାରିବେ । ତେବେ ଏହି ଟାଇପ୍‌ର ଆଉଟ୍‌ଫିଟ୍‌କୁ ବ୍ଲାକ୍ କିମ୍ବା ହ୍ୱାଇଟ୍ କଲର୍‌ର କଣ୍ଟ୍ରାଷ୍ଟ ଟପ୍ସ ସାଙ୍ଗରେ ପିନ୍ଧିଲେ ଲୁକ୍ ଭଲ ଦେଖାଯାଇଥାଏ । ହୁପ୍ସ ଏବଂ ହାଇ ହିଲ୍ ଏହି ଲୁକ୍‌କୁ ଭଲ ମାନିଥାଏ ।

**✲ ପ୍ୟାଣ୍ଟ–ସୁଟ୍:** ଏହି ଆଉଟ୍‌ଫିଟ୍ ଝିଅମାନଙ୍କୁ ସବୁବେଳେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । କ୍ରିସ୍‌ମସ୍ ଅବସରରେ ଝିଅମାନେ ଚାହିଁଲେ ରେଡ୍ କଲର୍‌ର ପ୍ୟାଣ୍ଟ–ସୁଟ୍ ପିନ୍ଧି ନିଜକୁ ଆକର୍ଷଣୀୟ ଭାବେ ସଜାଇପାରିବେ । ଆଉ ଏହା ସାଙ୍ଗକୁ ରେଡ୍ କଲର୍‌ର ଭେଲ୍‌ଭେଟ୍ ହାଇହିଲ୍ ପିନ୍ଧିପାରିବେ ।



**✲ ବ୍ଲେଜର ଡ୍ରେସ୍:** ଶୀତଦିନେ ବ୍ଲେଜର ଡ୍ରେସ୍‌ର ବେଶ୍ ଚାହିଦା ରହିଥାଏ । କାରଣ ଏହା ଶୀତରୁ ସୁରକ୍ଷା ଦେବା ସହ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ । କ୍ରିସ୍‌ମସ୍ ଅବସରରେ ଝିଅମାନେ ଚାହିଁଲେ ରେଡ୍ କଲର୍‌ର ବ୍ଲେଜର ଡ୍ରେସ୍ ସାଙ୍ଗକୁ ଓଠରେ ମ୍ୟାଟ୍ ରେଡ୍ ଲିପ୍‌ଷ୍ଟିକ୍ ଆଉ ମ୍ୟାଚିଂ ହିଲ୍ସ ପିନ୍ଧିପାରିବେ । ଆଉ ତା'ସାଙ୍ଗକୁ କର୍ଲି ହେୟାର ପୋନିଟେଲ୍ କରି ନିଜକୁ ଡିଫରେଣ୍ଟ ଲୁକ୍ ଦେଇପାରିବେ ।



**✲ ରେଡ୍ ଗାଉନ୍:** ସାର୍ଟିନ୍ ଫାବ୍ରିକ୍‌ର ଲଙ୍ଗ୍ ରେଡ୍ ଗାଉନ୍ ବି ଝିଅମାନଙ୍କୁ ପର୍‌ଫେକ୍ଟ କ୍ରିସ୍‌ମସ୍ ଲୁକ୍ ଦେଇଥାଏ । ଏହା ସାଙ୍ଗକୁ ନ୍ୟୁଡ୍ ମେକ୍‌ଅପ୍ ଆଉ ଷ୍ଟ୍ରେଟ୍ ହେୟାର ଷ୍ଟାଇଲ୍ ଖୁବ୍ ଭଲ ମାନଥାଏ । ସେହିପରି ଯଦି କେହି ବ୍ରଡ୍ ନେକ୍‌ବାଲା ରେଡ୍ ଗାଉନ୍ ପିନ୍ଧୁଥାନ୍ତି, ତା'ହେଲେ ସେମାନେ ଯେତେ ହାଲ୍‌କା ମେକ୍‌ଅପ୍ ନେବେ ଲୁକ୍ ସେତେ ଭଲ ଲାଗିବ ।

ଏହାଛଡ଼ା ଝିଅମାନେ ଚାହିଁଲେ କ୍ରିସ୍‌ମସ୍ ଅବସରରେ ବଡିକନ୍ ଡ୍ରେସ୍, ଅଫ୍ ସୋଲ୍ଡର ଗାଉନ୍, ଭିନ୍‌ଟେଜ୍ ରେଡ୍ ଡ୍ରେସ୍ ଅଥବା ଘେରବାଲା ନି ଲେଙ୍ଗ୍‌ଥ ଫ୍ରକ୍ ବି ପିନ୍ଧି ଆଉଟ୍‌ଷ୍ଟାଣ୍ଡିଂ କ୍ରିସ୍‌ମସ୍ ଲୁକ୍ ପାଇପାରିବେ ।







# ମୋ ଅଙ୍ଗେନିଭା କଥା ହିଁ ମୋ ଗପ






## ଯାହାଙ୍କ ପାଇଁ ଗଳ୍ପ ଏକ ଶ୍ରଦ୍ଧାଶୀଳ ଆବେଗ ଓ ସାମାଜିକ ସଂକଳ୍ପବଦ୍ଧତାର ଏକ ପ୍ରତିଛବି...

**ଗ**ଳ୍ପ ତାଙ୍କ ପାଇଁ ଏକ ଶ୍ରଦ୍ଧାଶୀଳ ଆବେଗ, ଏକ ସାମାଜିକ ସଂକଳ୍ପବଦ୍ଧତାର ଏକ ପ୍ରତିଛବି, ଗୋଟେ ମାନବୀୟ ଚେତନାର ପ୍ରତିବଦ୍ଧତା, ସମାଜମନସ୍କ କରିପାରୁଥିବା ଗୋଟେ ଅଭିପ୍ରାୟ। ଜୀବନ କେବଳ ଜଞ୍ଜାଳମୟ ବା ଦୁଃଖମୟ ନୁହେଁ ଗପମୟ ବି । ଖୁବ୍ ପାଖରେ ଜୀବନ, ଖୁବ୍ ପାଖରେ ଗଳ୍ପ। ଆମ ଚାରିପଟେ ମାଳମାଳ ଚରିତ୍ର ଆଉ ଖୁବ୍ ଚିତ୍ରମୟ ଆମ ଚାରିପାଖ। ସଂପର୍କ, ସଂଘାତ, ଦ୍ୱନ୍ଦ୍ୱ, ଆଶା, ଆକାଂକ୍ଷା, ଆଶଙ୍କା, ଦାୟିତ୍ୱ ଦହନ– ସବୁଠି କେବଳ ଗପ ହିଁ ଗପ। ପ୍ରତି ମଣିଷ ଭିତରେ ଖୁନ୍ଦି ହୋଇଛି ପଣପଣ ଗପର ପରମାଣୁ। ସମକାଳୀନ ଜୀବନ ଓ ପାରିପାର୍ଶ୍ୱିକ ଜଗତରୁ ଜୀବନ ସହ ଯୋଡ଼ି ହୋଇଥିବା ଗଳ୍ପର ଜୀବନୀକା ସନ୍ଧାନ କରି ଏକ ନିଆରା ଶୈଳୀରେ ପରିବେଷଣ କରିବା ଜଣେ ଗାଳ୍ପିକର ମୁଖ୍ୟ ଉଦ୍ଦେଶ୍ୟ। ଭଲ ଗପଟେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ। ସମାଜକୁ ଯୋଡ଼ିପାରେ, ଭାଙ୍ଗିବି ପାରେ। ବ୍ୟକ୍ତି ଭିତରର ରକ୍ତଚାପ ବଢେଇ ଦେଇପାରେ। ଦୁଃଖ, ରାଗ, ହସ–ବିଦ୍ୱେଷ, ସ୍ତବ୍ଧ–କ୍ଷୁବ୍ଧ, ଅପେକ୍ଷା–ଉପେକ୍ଷା, ଅଭିମାନ–ଅନ୍ୱେଷଣରୁ ଗପ ଜନ୍ମନିଏ। ସୁଖ ବା ଦୁଃଖର ସ୍ଥାୟିତ୍ୱ ନ ଥାଏ କିନ୍ତୁ ତାକୁ ନେଇ ସୃଷ୍ଟି ହୋଇଥିବା ଗପର ଥାଏ ସ୍ଥାୟିତ୍ୱ। ସେହିଭଳି ପ୍ରତିଟି କ୍ଷଣସ୍ଥାୟୀ ଜୀବନ ଭିତରେ କାହାଣୀ ସନ୍ଧାନ କରିପାରୁଥିବା ଜଣେ ସମସାମୟିକ ଓଡ଼ିଆ କଥାସାହିତ୍ୟର ଶ୍ରଦ୍ଧାଶୀଳ କଥାଶିଳ୍ପୀ ହେଉଛନ୍ତି **ଡ଼. ଲଲାଟେନ୍ଦୁ ସାହୁ।** ଯିଏକି ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ– ଓ ପ୍ରାବନ୍ଧିକ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶତାଧିକ ଗଳ୍ପ, ଡାଏରି ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ ଆଦି ରଚନା କରିଛନ୍ତି। ତାଙ୍କ ଜନ୍ମ ୧୩।୭।୧୯୭୭ରେ। ସେ ସୁନାମଧନ୍ୟ ପ୍ରବୀଣ ଶିକ୍ଷକ ଶ୍ରୀଯୁକ୍ତ ସାର୍ତକୀ ସାହୁ ଓ ଶ୍ରୀମତୀ ମଞ୍ଜୁଲତା ସାହୁଙ୍କ ଜ୍ୟେଷ୍ଠପୁତ୍ର। କଟକ ଜିଲାର କରଡ଼ାପାଳ ଗ୍ରାମରେ ତାଙ୍କର ଜନ୍ମ। ପେସାରେ ସେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାତ୍ର ନିଶା ସାହିତ୍ୟ ସାଧନା। ବର୍ତ୍ତମାନ ଓଡ଼ିଶା ଟୁରିଜମ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍‌ର ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ। ସେ କୁହନ୍ତି, ‘‘ଲେଖାଲେଖି ଅଭ୍ୟାସ ମୋର ସ୍କୁଲ ବେଳୁ ଥିଲା। ପରେ କଲେଜ ସମୟରେ ରେଭେନ୍‌ଶା ମହାବିଦ୍ୟାଳୟ କଟକରୁ ୧୯୯୭ରେ ଇଂଲିଶ ଭାଷା ସାହିତ୍ୟରେ ସ୍ନାତକ ସାରିଲି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀରେ ଉଚ୍ଚ ଅଧ୍ୟୟନ ପାଇଁ ପ୍ରବେଶ କଲି। ସେଠାରେ ୨୦୦୪ରେ ସମାଜବିଜ୍ଞାନରେ ( ପୋଲିସ କଲ୍‌ଚର ଓ ମାନବାଧିକାର ଉପରେ ସନ୍ଦର୍ଭ ଲେଖି ପିଏଚ. ଡି. ଲାଭ କରିଥିଲି। ୨୦୦୦ ବ୍ୟାଚ୍‌ର ଓଡ଼ିଶା ପ୍ରଶାସନିକ ଅଧିକାରୀଭାବେ ଯୋଗ ଦେଲି। ବହୁ ଚର୍ଚ୍ଚିତ କନ୍ଧମାଳ ଦଙ୍ଗାବେଳେ ଜଲେଶପେଟା ଅଞ୍ଚଳର ତହସିଲଦାର, ୨୦୧୩ରେ ଭେରି ସିଭିୟର ସାଇକ୍ଲୋନ ଫାଇଲିନ ହିଟ୍ କରିଥିବା ଗୋପାଳପୁର ଅଞ୍ଚଳର ତହସିଲଦାର, ୨୦୧୯ରେ ବିଶ୍ୱ ପୁରୁଷ ହକି ବେଳେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ ନିଜର ଦାୟିତ୍ୱ ନିର୍ବାହ କରିଛି। ଜଣେ ପ୍ରଶାସନିକ ଅଧିକାରୀ ଭାବେ ବିଭିନ୍ନ ସ୍ଥାନରେ ପ୍ରତ୍ୟହ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥାଏ। ସେଇଠି ଭେଟିଥାଏ ଜୀବନ ଜିଇବାକୁ ସଂଘର୍ଷ କରୁଥିବା ମେହନତି ମଣିଷମାନଙ୍କୁ। ସେମାନଙ୍କ ସୁଖ ଦୁଃଖ ଜୀବନର ଅଙ୍ଗେନିଭା ଘଟଣା ଓ ବହୁ କୁହାଅକୁହା କଥା ମୋ ମନକୁ ଆନ୍ଦୋଳିତ କରେ। ତାକୁ ଗପରେ ସ୍ଥାନ ଦିଏ। ଉଦ୍ଦେଶ୍ୟ ଥାଏ ଜଣେ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବେଦନଶୀଳ ଲୋକକାଭିମୁଖୀ କରିବା। ଗପର ଚରିତ୍ରମାନଙ୍କୁ ପ୍ରାପ୍ୟ ଦେବାକୁ ଓ ସମାଜମୁଖୀ ହୋଇ ଜୀବନସହ ଯୋଡ଼ି ରଖିବାର ପ୍ରୟାସ କରିଥାଏ। ଏମିତି ରଚନା କରିଥିବା ପୁସ୍ତକଗୁଡ଼ିକ ମଧ୍ୟରେ ଅଣଚାଶ ପବନ, ଲଲାଟେନ୍ଦୁଙ୍କ ଗଳ୍ପ ଶତକ (ଉଭୟ ଗଳ୍ପ ସଂକଳନ), ଘାଟମୁହାଁ ଡଙ୍ଗା (ଉପନ୍ୟାସ), ଏକ ଅପହୃତ କଳିଂ ବେଲ୍‌ର ସମାଧି (ଗଳ୍ପ ସଂକଳନ), ଫ୍ରୋଜନ ଫାୟାର (ଉପନ୍ୟାସ), କୁହ କଥା କୋଣାର୍କ (କବିତା ସଂକଳନ) ଇତ୍ୟାଦି ପୁସ୍ତକ ରଚନା କରିପାରିଛି।’’




ଡ଼. ସାହୁ ନିଜର ଅନେକ ଗଳ୍ପ, ରଚନା, ଗବେଷଣାତ୍ମକ ଲେଖା ବିଭିନ୍ନ ପତ୍ରପତ୍ରିକା ୱେବ୍‌ସାଇଟ୍ ଓ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରି ଆସୁଛନ୍ତି। ତାଙ୍କ ସାହିତ୍ୟ କୃତୀ ପାଇଁ ତାଙ୍କୁ ୨୩ ତମ ରାଜଧାନୀ ପୁସ୍ତକ ମେଳା, ପରାଗ ସାହିତ୍ୟ ସମ୍ମାନ, ୫ମ ଅଜୟ ଉତ୍ସବ ସାହିତ୍ୟ ସମ୍ମାନ, ସାହିତ୍ୟାୟନ ସମ୍ମାନ , ବ୍ୟାସ ପ୍ରତିଭା ସମ୍ମାନ, ରାଜ୍ୟ ଯୁବ ସାହିତ୍ୟ ପର୍ବ ସମ୍ମାନ, ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ସମ୍ମାନ, ଆନନ୍ଦପୁର ଲେଖକ ସମବାୟ ସମିତି ପୁରସ୍କାର ଆଦି ଅନେକ ପୁରସ୍କାର ଓ ସମ୍ମାନ ମିଳିଛି।

–ବନବିହାରୀ







# ଜୀବନ

-ଦୀପକ୍ କୁମାର୍ ମହାନ୍ତି

ନଦୀର ଦୁଃଖ,
ସମୁଦ୍ରର ଆବେଗ,
ପେଟର ଜ୍ୱାଳା,
ଛାତି ତଳର ନିଆଁ,
ସତ୍ୟର ସ୍ୱରୂପ,
ମନର ଆବରଣ,
ଧର୍ମର ସମୀକରଣ,
ଛାତିର ଯନ୍ତ୍ରଣା,
ହୃଦୟର ବ୍ୟଥା,
ଶକୁନିର ପଶାକାଠି,
ଦୁର୍ଯ୍ୟୋଧନର ଅହଙ୍କାର,
ପରାଧିନତାର ଶିକୁଳି,
ସବୁ ଗୋଟିଏ ମାଳରେ ଗୁନ୍ଥା,
ଏଇତ ଜୀବନ।

-ଇ-୫/୨, ଭୁବନେଶ୍ୱର-୨୨
ମୋ:୯୪୩୮୩୨୯୦୫୯



# ବୁଦ୍ଧ

-ରଶ୍ମିରଞ୍ଜନ ରାଉତ


ଯେବେ ସିଂହାସନ ଦୂରେଇ ପାରେନା
ବହୁ ଭଗ୍ନ ସ୍ୱପ୍ନର ବ୍ୟର୍ଥତା
ଶାନ୍ତିମୟ ହେଇପଡ଼େ ପଦ୍ମାସନ ମୁଦ୍ରା
ତାକୁ ଆଶ୍ରା କରି ନିର୍ଭୟରେ ଉଡ଼ିପାରନ୍ତି
ନୀଳ ଆକାଶରେ ପର ଝାଡ଼ି ପକ୍ଷୀ।

ସେଇ ବୁଦ୍ଧ, ଅଣଚାଷ ବତାସରେ
ତୁଚ୍ଛ କରିଦିଅନ୍ତି ସକଳ ପ୍ରାଚୁର୍ଯ୍ୟ
ପୃଥିବୀ ଶାଖାରେ ବାନ୍ଧନ୍ତି ବୈରାଗ୍ୟର ବସା।

ଓଲଟା ଜୀବନ ଭିତରେ ବ୍ୟସ୍ତ କରେ ତାଙ୍କୁ
ବ୍ୟାଧି, ବାର୍ଦ୍ଧକ୍ୟ, ଯାତନା ଓ ମୃତ୍ୟୁ
ତାଙ୍କୁ ଦେଖି ବାଟ କାଟେ ବରଫର ରାତି
ଗହନ ନିଦରେ ଶୋଇପଡ଼ନ୍ତି ଯଶୋଧାରା
ଶିଖେଇ ଦେଇ ସୀମାହୀନ ସହନଶୀଳତା।

ସେବେଠୁ ମୁଁ ଫୁଟୁଛି ଫୁଲହେଇ ମରୁଦ୍ୟାନେ
ସବୁଜ ସାର୍ଥକତାରେ ଅସଂଖ୍ୟ ଗୁଳ୍ମଙ୍କୁ ନେଇ
ଭରିଛି ମୋର ଶାଖା ଓ ପ୍ରଶାଖା
ଜୀବନକୁ ମସୃଣ କରିବାକୁ ଚକଟି ଚାଲିଛି
ମୋ ଭିତର ନିଦ୍ରା ଓ ସକଳ କାମନା
ଲିଭେଇ ଦେବାକୁ ଚିରନ୍ତନ ଏହାର ଅଶେଷ
ମୁଁ ପୁଣି ଆସୁଛି ଫେରି ଥରକୁ ଥର ତମରି ପାଖକୁ।

-୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ
ମୋ:୭୮୦୯୦୩୭୬୦



# କମ୍ବଳ ଦାନ

-ସର୍ବାଣୀ ପଟ୍ଟନାୟକ

ଡେରି ଯୋଗୁ ମା'ଙ୍କଠାରୁ ବହେ ଗାଳି ଖାଇବ ଭାବି ଡରିମରି କଲିଂ ବେଲ୍ ଟିପୁଥାଏ ମାଧବୀ । ସେପଟୁ ଆଖି ମଳି ମଳି କବାଟ ଖୋଲୁ ଖୋଲୁ ଶେଫାଳୀ କହିଉଠିଲେ, ତୋତେ କେତେଥର କହିବି ବାବୁ ୯ଟାରେ ଅଫିସ ଯିବେ। ଆଉ ତୁ ହଲି ଦୋହଲି ସାଢ଼େ ଆଠରେ ଆସିବୁ। ବାସିକାମ କେତେବେଳେ ହେବ ?

ମା' ଭାରି ଶୀତ ପଡୁଛି । ଚାରି ପ୍ରାଣୀ କୁଟୁମ୍ବ । ଘୋଡ଼ି ହେବା ପାଇଁ ଚଦର ବୋଲି ଗୋଟିଏ ଭଲରେ ନାହିଁ। ଘରେ ସଭିଙ୍କୁ ସର୍ଦ୍ଦି ଜ୍ୱର । ସମସ୍ତଙ୍କ ଦେହ ଅଛି ପାରେଇ ଯାଉଛନ୍ତି । ଏଇ ନଖି ବାପାଟା ଯାହା ଭାରି ହଇରାଣ ହଉଚି । ଦି' ଦିନ ହେଲା ଭାରି ଥଣ୍ଡା ହୋଇଯାଇଛି ଯେ ଉଠି ପାରୁନି । ସକାଳ ନ ହେଉଣୁ ତା'ର ଫର୍ମାଇସ ଅଧିକ । ଦାନ୍ତ ଘଷିବାକୁ ଗରମ ପାଣି ଚୁଲି ଲଗେଇ ଦିଅ । ତେଜପତ୍ର, ମରୀଚ ପକେଇ ନାଲି ଚା ଟିକେ ହଉ ହଉ ଡେରି ହୋଇଯାଉଛି । କାଲି ଖରା ଦେଇଥିଲି ସେ ପୁରୁଣା ଆଲୁ ବସ୍ତାଟା ଧୋଇକି । ତାକୁ କାଲି ଘୋଡ଼େଇ ଦେଇଥିଲି ସେ ଟିକେ ଭଲକି ଶୋଇବା ଦେଖି ମୋର ବି ଟିକେ ଆଖି ଲାଗିଯାଇଚି ଡେରି ଯାଏ । ସେଇଥିପାଇଁ ଆଜି ଉଠୁ ଉଠୁ ସାଢେ ପାଞ୍ଚଟା । ଉଠି କାମ ସାରି ତରବର ହୋଇ ଭାତ ତୁଣ ଟିକେ କରି ଆଇଲି । ଖାଇବେ ନ ହେଲେ କେମିତି ସେ ବାପ ଛୁଆ ପଞ୍ଝାକ !

-ହଉ ହଉ ଯା, ଜଲ୍ଦି କାମ ସାରି ଜଳଖିଆ ବନା ମୁଁ ଆଉ ଟିକେ ଗଡ଼ପଡ଼ ହୋଇ ଆସୁଛି ।

ସୋଫା ପଛପଟେ ଥିବା ଝାଡୁ ବାହାର କରି ଆଗେ ଘରଟିକୁ ପହଁରିନେଲା ମାଧବୀ। ବାସିଘରେ ସଜ କାମ କ'ଣ ହୁଏ ! ଝାଡୁ ସାରି ହାତ ଧୋଇ ରୋଷେଇ ଘରେ ପଶିଲା । ପରିବା କଟାକଟି କରି ତରକାରି ବସେଇଲା। ସେ ଭିତରେ ବାବୁଙ୍କ ପାଇଁ କଫି, ମା'ଙ୍କ ପାଇଁ ଚା' ତିଆରି କରିଦେଲା । ଗୋଟେ ଦାମୀ ଶାଲ ଘୋଡ଼େଇ ହୋଇ ଆସି ଶେଫାଳୀ କହିଲେ, ମୋତେ ବଡ଼ ଶୀତ । ତେଲ ମାଲିସ କଲେ ଶୀତ ଛାଡିଯିବ ଦେହରୁ । ବାବୁଙ୍କ ଅଫିସ ଯିବା ପରେ ତେଲ ଟିକେ ଦେହରେ ମାଲିସ କରିଦେବୁ ତ ମାଧବୀ।

ହଉ ମା' କହି ମାଧବୀ ଲାଗିପଡ଼ିଲା ବାସନ ମଜାମଜିରେ । ବାବୁଙ୍କୁ ଜଳଖିଆ ବାଢି ଦେଲାବେଳେ ବାବୁ କହିଲେ, 'ତୋତେ ଶୀତ ହଉନି କି ମାଧବୀ।'

ମାଧବୀ କହିଲା ନାଇଁ, ସକାଳୁ ଚଳଚଞ୍ଚଳ ହୋଇଗଲେ ଶୀତ ଆଉ କ'ଣ ମାଡ଼େ ? ଆମ ଭଳି ଖଟିଖିଆ ଲୋକଙ୍କୁ ଶୀତ ଡରେ । ବାବୁ କହିଲେ ଷ୍ଟୋର ରୁମ୍‌ର ବଡ଼ ବାକ୍ସଟା ଖୋଲି ଦେଖିଲୁ କେତେଟା କମ୍ବଳ ଅଛି ? ମାଧବୀ ଖୋଲି ଦେଖିଲା ଦଶଟା ଖଣ୍ଡେ ପତଳା କମ୍ବଳ ଲୋଚାକୋଚା ହୋଇ ଥୁଆହୋଇଛି । ବାବୁ କହିଲେ, ଆର ଥରକ ଆମ ବ୍ୟାଙ୍କ ରୋଗୀମାନଙ୍କୁ ଯେଉଁ କମ୍ବଳ ଦେଉଥିଲା କିଛି ବଳିପଡିଥିଲା । ନେଇ ଆସିଥିଲି ଘରକୁ । ଏଥରକ ବାଣ୍ଟିଦେବା ।

ଖୁସିର ଭାବଟେ ଢେଉ ଭଳି ଖେଳିଗଲା ମାଧବୀ ଦେହରେ । ବାବୁ ବଡ଼ ପାଟିରେ ଶୁଣେଇଲା ଭଳି କହିଲେ, ଏଇ ରବିବାର ପଳେଇ ଯିବା ଭାସ୍କର ବାବୁଙ୍କ ବୃଦ୍ଧାଶ୍ରମକୁ । ମାଧବୀ ସେପଟୁ ଆସୁ ଆସୁ କହିଲେ, ହଁ କେତେଥର କହିଲେଣି ବୁଲି ଯିବାକୁ । କମ୍ବଳ ଦେଇ ଫଟୋ ଦୁଇ ତିନିଟା ଉଠେଇ ଦେବା ଯେ ଖବରକାଗଜକୁ ଦେଇଦେବା । ହସି ଦେଲେ ବାବୁ । ସେ ବ୍ୟବସ୍ଥା ଭାସ୍କରବାବୁ କରିଦେଇଥିବେ । ଯାହା ହେଲେ ତାଙ୍କ ସଂସ୍ଥା । ଶୀତ ଦିନ ପାଇଁ ଅନୁଦାନ ମାଗିବେ।

-କଲିକତା
ମୋ:୮୯୬୧୫୯୩୧୫୦





ପ୍ରଥମ ରୋଜଗାର

# ମାମାଙ୍କ ପାଇଁ ଚୁଡ଼ି କିଣିଥିଲି



ସାହିତ୍ୟିକା ତଥା ଶିକ୍ଷାବିତ୍ **ଦୀପିକା ଦାଶ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ବ**ଡ଼ମାମୁ, ସାନମାମୁ ଓ ମାଉସୀ ସମସ୍ତଙ୍କର ଦୁଇ ଦୁଇଟା ପୁଅ ଥିବାରୁ ମୁଁ ବଡ଼ଝିଅ ଭାବେ ଅଜାଘରେ ଖୁବ୍ ଗେହ୍ଲୀ ଥିଲି। ବାବା ମାମାଙ୍କର ଅଲିଅଳ ଝିଅ ଭାବେ ବେଶ୍ ଆଦରରେ ବଢୁଥିଲି। ମେଧାବୀ ଛାତ୍ରୀ ଭାବେ ଶ୍ରେଣୀରେ ପ୍ରଥମ ହେଉଥିଲେ ବି ସ୍ୱଭାବରେ ଥିଲି ଖୁବ୍ ଡରକୁଳୀ। ରାତିରେ ଦର୍ପଣ ଦେଖିଲେ ଭୟ, ତାଜା ଉପରେ ଖସ୍‌ଖସ୍ ହେଲେ ଭୟ, ଗାଧୁଆ ଘରୁ ଭୂତ ବାହାରି ମାଡ଼ି ବସିବାର ଭୟ, ଝିଟିପିଟି, ଏଣ୍ଡୁଅ, ଅସରପା ଏସବୁର ଭୟ ମୋତେ ଖାଇ ଗୋଡ଼ାଉଥିଲା। ତେଣୁ ରାତିରେ ଲାଇଟ୍ ଲଗାଇ ଶୋଉଥିଲି। ବଜାର ଯିବାକୁ ଅସହଜ ମନେକରୁଥିବାରୁ ବାବା ମାମା ମୋ ପାଇଁ ସବୁ କିଣି ଆଣୁଥିଲେ। ମୋ ପୃଥିବୀ କହିଲେ ବାବାମାମା, ଭାଇ ଭଉଣୀ, ବହି, ସ୍କୁଲ୍, ଟ୍ୟୁଶନକୁ ହିଁ ବୁଝିଥିଲି। କେହି ବଡ଼ ପାଟି କରିଦେଲେ କାନ୍ଦି ପକାଉଥିଲି। ଏମିତି ଏମିତିରେ ଯୁକ୍ତଦୁଇ ବିଜ୍ଞାନରେ ଫାଷ୍ଟ କ୍ଲାସ୍ ଫାଷ୍ଟରେ ଉତ୍ତୀର୍ଣ୍ଣ ହେଲା ପରେ ସିଟି ଟ୍ରେନିଂ ନେଇଥିଲି। ହଷ୍ଟେଲରେ ରହି ପଢ଼ିବାକୁ ପଡ଼ିଲା। କାରଣ ଆମ ଘର ଥିଲା ପୋଲସରା ଟାଉନ୍‌ରେ, ହେଲେ ଟ୍ରେନିଂ ସ୍କୁଲ୍ ଘରଠାରୁ ପ୍ରାୟ ୫ କି.ମି ଦୂର ଭିତରକୁ ଥିଲା। ଟ୍ରେନିଂ ସ୍କୁଲରେ ନିଜେ ପଢ଼ିବା ସହିତ ଶିକ୍ଷାଦାନ ନିମନ୍ତେ ପୁଣି ସେଠାରୁ ଆମକୁ ପ୍ରାୟ ୧୨/୧୩ କି.ମି ଦୂରରେ ଥିବା ପ୍ରାକ୍ଟିସିଂ ସ୍କୁଲ୍‌କୁ ଯିବାକୁ ପଡୁଥିଲା। ସେଥିପାଇଁ ସେଠାରେ ମୁଁ ଏକ ସାଇକେଲ୍ ରଖିଥିଲି। ଦିନେ ଜଣେ ସାର୍ କହିଲେ, 'ତୁ ତ ଭଲ ପଢୁଛୁ, ସନ୍ଧ୍ୟାବେଳେ ଗୋଟେ ଘଣ୍ଟା ବାହାର କରି ଆମ ଘରକୁ ଆସି ମୋ ପୁଅକୁ ଟିକେ ଟ୍ୟୁଶନ କରିଦେଇଯିବୁ।' ବାବାମାମାଙ୍କ ସହମତିକ୍ରମେ ଅଷ୍ଟମ ଶ୍ରେଣୀର ସେହି ପିଲାଟିକୁ ଟ୍ୟୁଶନ କରିବାକୁ ଗଲି। ସାର୍‌ଙ୍କ ପୁଅ ହୋଇଥିବାରୁ ଖୁବ୍ ମନଧ୍ୟାନ ଦେଇ ତାକୁ ପଢ଼ାଉଥିଲି। ଇଂଲିଶ୍‌ରେ ଦୁର୍ବଳ ଥିବା ସେହି ପିଲାଟି ଧୀରେ ଧୀରେ ସେହି ବିଷୟରେ ଭଲ କରୁଥିବାର ଦେଖି ତାଙ୍କ ବାବା ଅର୍ଥାତ୍ ମୋ ସାର୍ ଖୁବ୍ ଖୁସିଥିଲେ ମୋ ଉପରେ। କିନ୍ତୁ ଦୁର୍ଭାଗ୍ୟ, ଦିନେ ଟ୍ୟୁଶନ ଯିବା ବାଟରେ ଅଣଓସାରିଆ ରାସ୍ତାରେ ହଠାତ୍ ଟ୍ରକ୍‌ଟିଏ ଆସିଯିବାରୁ ମୁଁ ସାଇକେଲ୍ ସହ ଟିକିଏ ରାସ୍ତା ପାର୍ଶ୍ୱକୁ ଘୁଞ୍ଚି ଯାଇଥିଲି। ଟ୍ରକ୍‌ଟି ଚାଲିଯାଇଥିଲା, ହେଲେ ମୋ ମନର ସୀମାହୀନ ଭୟ ଓ ସଂଶୟ ସେଇଠି ଗୋଟିଏ କଣ୍ଟାଗଛରେ ଲାଖି ରହିଗଲା। ଚୁନିଟି ଗୋଡ଼ ପାଖରେ ଥିବା ଏକ କଣ୍ଟାଗଛରେ ଖୁଞ୍ଚି ହୋଇଯାଇଥିଲା। କିନ୍ତୁ ମୋତେ ଲାଗିଲା କେହି ଜଣେ ଯେମିତି ମୋ ଚୁନିକୁ ଟାଣି ଧରିଛି। କାରଣ ସେହି ଜାଗାଟି ଥିଲା ଜଣେ ବୁଢ଼ୀ ଲୋକର ; ଯିବାଆସିବାବେଳେ ଦେଖାହେଲେ ହସି ଦେଇ ଥଟ୍ଟାରେ ମୋତେ ବୋହୂ କରିବ ବୋଲି କହୁଥିଲା। କିଛି ଦିନ ତଳେ ତା'ର ମୃତ୍ୟୁ ହୋଇ ସାରିଥିଲା। ତେଣୁ ସେହି ବୁଢ଼ୀର ଭୂତ କାଳେ ମୋ ଚୁନି ଧରିଛି ବୋଲି ଭାବି ସାଇକେଲ, ଚୁନି ସେଇଠି ପକେଇ ଦେଇ ଦୌଡ଼ିଲି। ପରେ ସାର୍ ଆସି ମୋ ସାଇକେଲ୍ ଆଉ ମୋତେ ନେଇ ହଷ୍ଟେଲରେ ଛାଡ଼ିଥିଲେ। ସପ୍ତାହେ ଜ୍ୱରରେ ପଡ଼ିଲି। ତା'ପରେ ଟ୍ୟୁଶନ କରିବାକୁ ବାବା ମନା କରିଦେଲେ। ସାର୍ କିନ୍ତୁ ଘରକୁ ଆସି ମୋର ଗୋଟିଏ ମାସର ଦରମା ବାବଦକୁ ୬୦୦ ଟଙ୍କା ଦେଇଗଲେ। ଜଣେ ଡରକୁଳୀ ଝିଅ ; ଯିଏକି ସବୁବେଳେ ଘରଲୋକଙ୍କ ଉପରେ ଛୋଟ ଛୋଟ କାମରେ ନିର୍ଭରଶୀଳ, ସେ ନିଜ ଶ୍ରମରେ କିଛି ରୋଜଗାର କରିଥିବା ଜାଣି ବାବାମାମା ସେଦିନ ଭାରି ଖୁସି ହୋଇଥିଲେ। ପରେ ସେହି ଟଙ୍କାରୁ କିଛି ନେଇ ଆମ ଗାଁ କନକଦୁର୍ଗାଙ୍କ ଠାରେ ଭୋଗ ଲଗାଇଥିଲି। ଜଣେ ସିନିୟର୍ ଦିଦିଙ୍କୁ କହି ମାମାଙ୍କ ପାଇଁ କୁନ୍ଦନ ଚୁଡ଼ି ଆଉ ନେଲ୍‌ପଲିସ୍ ରିମୁଭର୍ ଆଣିଥିଲି। କାରଣ ମାମା ପ୍ରାୟତଃ ନଖରେ ଲାଗିଥିବା ଅଧା ଛଡ଼ା ନେଲ୍‌ପଲିସ୍ ଉପରେ ନୂଆ ନେଲ୍‌ପଲିସ୍ ଲଗେଇ ଦେଉଥିଲେ। ଏସବୁ ପରେ ଆଉ ଯାହା ଟଙ୍କା ବଳିଥିଲା, ସେଥିରେ ଆମ ଗାଁରେ ଥିବା ଜଣେ ବାପାଛେଉଣ୍ଡ ପିଲା ପାଇଁ ଖାତା, କଲମ, ଟେଷ୍ଟପେପର୍ ଆଦି ନେଇ ଆସିଥିଲି। ସୌଭାଗ୍ୟକୁ ସେ ପିଲା ଏବେ ଏୟାର୍‌ଫୋର୍ସରେ ଚାକିରି ପାଇଛି ; ଯାହାକି ମୋତେ ଖୁବ୍ ଆତ୍ମସନ୍ତୋଷ ଦେଉଛି। ତେବେ ସିଟି ପଢ଼ା ସରିବା ପରେ ୨୦୧୧ରେ ମୁଁ ବ୍ରହ୍ମପୁରସ୍ଥିତ ଯୋଗ୍ୟପଲ୍ଲୀ ୟୁ.ପି ସ୍କୁଲ୍‌ରେ ପ୍ରାଇମେରୀ ଟିଚର୍ ଭାବେ ଜଏନ୍ କରିଥିଲି। ଆଉ ଏବେ ବ୍ରହ୍ମପୁର ଲୋଚାପଡ଼ା ୟୁ.ପି ସ୍କୁଲ୍‌ରେ କାର୍ଯ୍ୟରତ ଅଛି। ଚାକିରି ଛଡ଼ା ଗପ, କବିତା, ନାଟକ ଲେଖିବାରେ ରୁଚି ରହିଛି। ଯା'ଭିତରେ 'ଅନ୍ତରାଗ', 'ବିବିଧା', 'ନାଦ ଅନାହତ', 'କ୍ଷିତିଜା' ଶୀର୍ଷକ ୪ଟି କବିତା ପୁସ୍ତକ ଏବଂ 'ମଣିମାନ୍ତେ' ଶୀର୍ଷକ ଏକ ନାଟ୍ୟ ପୁସ୍ତକ ମୋର ପ୍ରକାଶିତ ହୋଇସାରିଛି।

# ଏପଟେ ରୁଷାକୁ ସେପଟେ ହସ, ବଡ ଅଜବ ଏ ପ୍ରେମର ପାଠ

ସାଥୀ

**ପ୍ରଶ୍ନ**–ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ସେ କ'ଣ ସତରେ ମୋତେ ଭଲ ପାଉଛି ?

*–ପ୍ରଶାନ୍ତ କୁମାର, ବଡବିଲ*

**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ' ଏପଟେ ରୁଷାକୁ ସେପଟେ ହସ, ବଡ ଅଜବ ଏ ପ୍ରେମର ପାଠ'। ସେଥିପାଇଁ ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ସନାତନ ରାଉତ, କଟକ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନ ଥିବ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମତେ କରୁଛି କି ନା ମୋତେ ଜଣା ପଡୁନାହିଁ। ଏବେ ମୁଁ କ'ଣ କଲେ ଠିକ୍ ହେବ ? *–ଅମିତ ସାହୁ, ରାଉରକେଲା*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମରେ କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ବି ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ବସନ୍ତ ଦାସ, କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି ବୋଲି ଯଦି ଭାବୁଛନ୍ତି, ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରୁଛନ୍ତି। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**–ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ସୁମନ୍ତ ସାହୁ, ବଲାଙ୍ଗୀର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି–ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ଆପଣଙ୍କର ଯେ, ସୁନ୍ଦର ପ୍ରେମ କବିତା ଲେଖିବାରେ ପଟୁତା ରହିଛି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ କବିତାଗୁଡିକୁ ପଢ଼ିବାକୁ ଚେଷ୍ଟା କରିବେ।



# ରକୁଲଙ୍କ ଅସରପା ଉପାଖ୍ୟାନ


ରକୁଲ୍

କଳାକାରଙ୍କ ଅଭିନୟ ହେଉ କି ବାସ୍ତବ ଜୀବନରେ ଅନେକ ଘଟଣା ଘଟିଥାଏ । ସେଗୁଡିକ ମଧ୍ୟରୁ କେତେକକୁ ସେମାନେ ସହଜରେ ଭୁଲି ପାରି ନ ଥାନ୍ତି। ନିକଟରେ ସେଭଳି ଏକ ଘଟଣାକୁ ସାଙ୍ଗମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିଥିଲେ ରକୁଲ୍ ପ୍ରୀତ ସିଂ। କଥା କ'ଣ କି ରିଲିଜ ଅପେକ୍ଷାରେ ଥିବା 'ଇଣ୍ଡିଆନ୍-୩'ର ଶୁଟିଂ ସମୟରେ ଏଭଳି ଏକ ଘଟଣା ଘଟିଥିଲା । ସେ ସମ୍ପର୍କରେ ରକୁଲ୍ କହନ୍ତି, 'ଏକଦା ଏହି ଫିଲ୍ମର ନାଇଟ୍ ଶୁଟିଂ ଚାଲିଥାଏ । ଶଟ୍ ଦେବା ପରେ ମୁଁ ଯେତେବେଳେ ମୋ ସିଟ୍ ପାଖକୁ ଆସିଲି ସେତେବେଳେ ଚମକି ପଡି ଚିତ୍କାର କରି ଉଠିଲି। କ'ଣ ହେଲା ତାହା ଜାଣିବାକୁ ୟୁନିଟରେ ଉପସ୍ଥିତ ସମସ୍ତ ସଦସ୍ୟ ସେଠାରେ ପହଞ୍ଚି ଯାଇଥିଲେ । ଦେଖିଲା ବେଳକୁ କ'ଣ ନା, ମୋ ସିଟ୍ ଉପରେ ଏକ ଅସରପା ଚାଲୁଛି। ଏହା ଦେଖି ସମସ୍ତେ ହସି ହସି ବେଦମ ହୋଇଯାଇଥିଲେ। କିଛି ସମୟ ପରେ ଘଟଣା ସାଧାରଣ ଅବସ୍ଥାକୁ ଆସିଥିଲା । ପରବର୍ତ୍ତୀ ସମୟରେ ଶଟ୍ ଦେବା ବେଳେ ଏହି କଥା ମୋ ମନକୁ ଆସିଥିଲା । ହେଲେ ମନକୁ ସ୍ଥିର ରଖି ଶଟ୍ ଦେଇଥିଲି।' ତାମିଲ ଭାଷାରେ ନିର୍ମିତ ହେଉଥିବା ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ଏସ. ଶଙ୍କର। ଏଥିରେ ରକୁଲ୍ଙ୍କ ବ୍ୟତୀତ କମଲ ହାସନ, କାଜଲ ଅଗ୍ରୱାଲ ଏବଂ ସିଦ୍ଧାର୍ଥ ପ୍ରମୁଖ ଅଭିନୟ କରୁଛନ୍ତି। ଚଳଚ୍ଚିତ୍ରଟି ଆସନ୍ତାବର୍ଷ ଜାନୁୟାରୀରେ ରିଲିଜ ହେବାର ଯୋଜନା ରହିଛି।

# କାହାଣୀ ନିଶାଗ୍ରସ୍ତ ଜୀବନର

'ଜଙ୍ଗଲ ଜଳୁଛେ'-ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହେଉଛି ଓଡ଼ିଆ ତଥା କୋରାପୁଟିଆ ଫିଲ୍ମ। କାହାଣୀ ଅନୁସାରେ ଜଣେ ନିଶାଗ୍ରସ୍ତ ବ୍ୟକ୍ତି କିପରି ନିଜ ପରିବାରର କ୍ଷତି କରିବା ସହ ସମାଜକୁ ପ୍ରଭାବିତ କରେ, ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଧାର କରି ଚିତ୍ରଟି ପ୍ରସ୍ତୁତ କରାଯାଉଛି। ଏହାର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଏସ.ସି.ଟି. ଏସ. ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାପାତ୍ର। ଉକ୍ତ ସିନେମାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ଏହାପୂର୍ବରୁ ସେ ଅନେକ ଆଲବମ୍, ଧାରାବାହିକ ଏବଂ ଡକ୍ୟୁମେଣ୍ଟାରି ପାଇଁ କାମ କରିସାରିଛନ୍ତି। ସଂଳାପ ରଚନା କରିଛନ୍ତି ଗୋରେଖ ନାଥ ସାହୁ ଏବଂ ନିବେଦିତା ନାୟକ। ଗୀତଗୁଡିକୁ ସ୍ୱର ଦେଇଛନ୍ତି କୁମାର ଲାବା। କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ପଙ୍କଜ ଜାଲ୍, ଅନ୍ତରା ଚକ୍ରବର୍ତ୍ତୀ, ରୁକୁ ସୁନା ଏବଂ ସଂଯୁକ୍ତା ମହାନ୍ତି। ସଂପାଦନା ଦାୟିତ୍ୱରେ ଅଛନ୍ତି ମୁନ୍ନା ମୋଦି। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁବ୍ରତା ନାୟକ, ଶ୍ରଦ୍ଧା ମହାରଣା, ସୀତାରଶ୍ମୀ ସାହୁ, ଗୋରେଖ ନାଥ ସାହୁ, ମିଟୁ ମିଥୁନ, ବିନ୍ଦୁ ମଲିକ ଏବଂ ମୁନା ମୋଦି।

# ଅଡୁଆ କରିଥିଲା ଓଜନ

ସାରା ଅଲ୍ଲୀ ଖାଁଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କେଦାରନାଥ' । ଏହି ଅଫରଟି ସିନା ମିଳିଗଲା, ଆଉ ସେଥିରେ ଅଭିନୟ କରିବାକୁ ହଁ ଭରିଦେଲେ, ହେଲେ ସେତେବେଳେ ତାଙ୍କୁ ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ତାହା କ'ଣ ଜାଣନ୍ତି ? ଓଜନ । ଅର୍ଥାତ୍, ସେତେବେଳେ ସାରାଙ୍କ ଓଜନ ଅଧିକ ଥିଲା । ତେଣୁ ନିର୍ଦ୍ଦେଶକ ଅଭିଷେକ କପୁର ତାଙ୍କୁ ଯେତେ ଶୀଘ୍ର ସମ୍ଭବ ଓଜନ କମାଇବାକୁ କହିଥିଲେ । ଏହି ମିଶନରେ ସକସେସ୍ ହେବାକୁ ସାରା ଦିନରାତି ଏକାଠି କରିଦେଇଥିଲେ । ଏ ବିଷୟରେ ସାରା କହନ୍ତି, 'ମୋ ପ୍ରଥମ ସିନେମାକୁ ନେଇ ମୁଁ ବେଶ୍ ଖୁସି ଥିଲି । ହେଲେ ସେତେବେଳେ ଅଭିଷେକ ସାର୍ ମୋତେ ଗୋଟିଏ କଥାକୁ ନେଇ ସତର୍କ କରାଇ ଦେଇଥିଲେ । ସେ କହିଥିଲେ ଯେ ଶୁଟିଂ ଆରମ୍ଭ ହେବା ପୂର୍ବରୁ ଯେମିତି ହେଲେ ଓଜନ ୨୦ କିଗ୍ରା କମାଅ । କ'ଣ ଆଉ କରିବି ? ଉପାୟଶୂନ୍ୟ ହୋଇ ଏହି କାମରେ ଲାଗି ପଡିଲି । ଦୀର୍ଘ ତିନିମାସର ଅକ୍ଲାନ୍ତ ପରିଶ୍ରମ କରି ଓଜନକୁ ବାଲାନ୍ସ କରିଥିଲି । ସେହି ସମୟରେ ନିୟମିତ ଜିମ୍ ଯିବା ସହ ଡାଏଟିଂ କରିବାକୁ ପଡିଥିଲା । ସେହି ତିନି ମାସରେ ମୁଁ ଯେଉଁ ପରିଶ୍ରମ କରିଥିଲି ତାହାକୁ କଦାପି ଭୁଲି ପାରିବି ନାହିଁ ।' ସାରାଙ୍କ ଅଭିନୀତ 'ଏ ୱତନ ମେରେ ୱତନ' ଚଳିତ ବର୍ଷ ମାର୍ଚ୍ଚ ୨୪ରେ ରିଲିଜ ହୋଇଥିଲା । ସେ ଅଭିନୟ କରିଥିବା 'ମେଟ୍ରୋ ଇନ୍ ଦିନୋ' ଏବଂ 'ସ୍କାଏ ଫୋର୍ସ' ଆସନ୍ତାବର୍ଷ ପରଦା ଉପରକୁ ଆସିବ ।


ସାରା

# ଏବେ ବି ମନେ ପଡୁଛି

କିଆରା ଆଡୱାନୀଙ୍କର ଏବେ ସ୍କୁଲ କଥା ମନେ ପଡୁଛି। ସତରେ ସ୍କୁଲ ଲାଇଫର ମଜା ନିଆରା। ହେଲେ ତାଙ୍କର ପାଠ ପଢ଼ା କଥା ମନେ ପଡୁନି। ପାଠ ପଢ଼ାଇବା କଥା ମନେ ପଡୁଛି। କଥା କ'ଣ କି ଅଭିନୟ କରିବା ପୂର୍ବରୁ କିଆରା ଶିକ୍ଷାଦାନ ସହ ଜଡିତ ଥିଲେ। ବମ୍ବେସ୍ଥିତ ଯରଲି ବାର୍ଡସ ପ୍ଲେ ସ୍କୁଲରେ ସେ ଜଣେ ଶିକ୍ଷୟତ୍ରୀ ଭାବରେ କାମ କରୁଥିଲେ। ପୁଣି ଏପରି ସଂଯୋଗ ଯେ, ସେହି ସ୍କୁଲରେ ତାଙ୍କର ମା' ପ୍ରଧାନ ଶିକ୍ଷୟତ୍ରୀ ଥିଲେ। ଏ ନେଇ କିଆରା କହନ୍ତି, 'ସତରେ ସେହି ସମୟ କଥା ମନେ ପଡିଲେ ଭାରି ଦୁଃଖ ଲାଗୁଛି। ଛୋଟ ପିଲାଙ୍କୁ ପାଠ ପଢ଼ାଇବା ତ ଅଲଗା କଥା, ସେମାନଙ୍କ ସହ ସହ ବିତେଇଥିବା ହସଖୁସିର ମୁହୂର୍ତ୍ତ ଥିଲା ଖୁବ୍ ନିଆରା। ଛୋଟ ପିଲାଙ୍କ ସହ ମୁଁ ଢ଼େର ମଜା କରିଛି। ସେହି ସ୍ମୃତିଗୁଡିକ ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ହେଲେ ଶିକ୍ଷକତା ମୋ ପାଇଁ ସେତେବେଳେ ପାର୍ଟ ଟାଇମ କାମ ଥିଲା। ଅଭିନୟ ଦୁନିଆକୁ ଆସିବା ପରେ ମୁଁ ସେଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଯାଇଛି।' ମାସ୍ କମ୍ୟୁନିକେଶନରେ କିଆରା ଡିଗ୍ରୀ ହାସଲ କରିଛନ୍ତି। କଲେଜରେ ପଢ଼ିବା ସମୟରେ ସେ ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । କିଆରାଙ୍କର ପ୍ରକୃତ ନାମ ଥିଲା ଆଲିୟା ଆଡୱାନୀ। ହେଲେ ସେ ଫିଲ୍ମରେ ଅଭିନୟ କରିବା ପରେ ନିଜ ନାମକୁ ପରିବର୍ତ୍ତନ କରି କିଆରା ରଖିଥିଲେ।


କିଆରା



ହିତୈଶା

## ହାଃ ହାଃ

### ମଦ ପିଅ

ଡାକ୍ତର: କୁହନ୍ତୁ କ'ଣ ହେଇଛି ଆପଣଙ୍କର।
ରୋଗୀ: ମୋ ଲିଭର୍‌ରେ ଯନ୍ତ୍ରଣା ହେଉଛି।
ଡାକ୍ତର: ମଦ ପିଅ ?
ରୋଗୀ ଖୁସିରେ: ହଁ, ହେଲେ ଛୋଟିଆ ପ୍ୟାଗଟେ କରିବେ।

### ଟାଇ

ରଘୁକୁ ଏକ ପାର୍ଟି ପାଇଁ ନିମନ୍ତ୍ରଣ କାର୍ଡ ଆସିଥାଏ। ସେଥିରେ ଲେଖାଥିଲା– ପ୍ଲିଜ୍ କମ୍ ୱିଥ୍ ଓନ୍‌ଲି ପିଙ୍କ୍ ଟାଇ। ରଘୁ ପାର୍ଟିକୁ ଗଲା– ହେଲେ ସେଠି ଯାଇ ସେ ଲୋକଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। କାରଣ ଲୋକମାନେ ପିଙ୍କ୍ ଟାଇ ସହ ଡ୍ରେସ୍ ବି ପିନ୍ଧିଥିଲେ।

### ତମ୍ବାଖୁ

ରାଧୁଆ ଦୁଇ ମିଟର ଲମ୍ବା ପାଇପ୍‌ରେ ହୁକ୍କା ଟାଣୁଥାଏ।
ରାଜେଶ ଏହା ଦେଖି– ଏତେ ଲମ୍ବା ପାଇପ୍‌ରେ ହୁକ୍କା କାହିଁକି ଟାଣୁଛୁ ?
ରାଧୁଆ– ଡାକ୍ତର ପରା ସିଧା ସିଧା କହିଛନ୍ତି ତମ୍ବାଖୁଠୁ ଦୂରେଇ ରହିବାକୁ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।







# ପର୍‌ଫେକ୍ଟ କ୍ରିସ୍‌ମସ୍ ଡେଷ୍ଟିନେଶନ

**ଖୁସିର, ଉଲ୍ଲାସର ପର୍ବ କ୍ରିସ୍‌ମସ୍; ଯାହାକୁ ଭାରତର ବିଭିନ୍ନ ସ୍ଥାନରେ ବେଶ୍ ଉତ୍ସାହର ସହକାରେ ଲୋକେ ପାଳନ କରିଥାନ୍ତି। ତେବେ ଜାଣିଛନ୍ତି କି, ଭାରତରେ ଏମିତି ବି କେତେକ ସୁନ୍ଦର ସ୍ଥାନ ରହିଛି; ଯେଉଁଠି କ୍ରିସ୍‌ମସ୍ ପର୍ବକୁ ଟିକେ ଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ; ଯାହା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ଦେବା ସହ ବେଶ୍ ଖୁସି ଦେଇଥାଏ...**

..............................

**❊ ଶିଲଂ:** ମେଘାଳୟର ରାଜଧାନୀ ତଥା ସ୍ଥାନୀୟ ଏକ ଶୈଳନିବାସ ଭାବେ ଶିଲଂର ରହିଛି ଭିନ୍ନ ଏକ ପରିଚୟ। ଏଠାକାର ଆକର୍ଷଣୀୟ ପ୍ରାକୃତିକ ପରିବେଶ ବେଶ୍ ମନଲୋଭା । ସେଥିପାଇଁ ଏହାକୁ 'ସ୍କଟ୍‌ଲାଣ୍ଡ ଅଫ୍ ଇଷ୍ଟ' ବୋଲି କୁହାଯାଇଥାଏ। ତା'ଛଡ଼ା ଏହାକୁ ଏକ ପର୍‌ଫେକ୍ଟ କ୍ରିସ୍‌ମସ୍ ଡେଷ୍ଟିନେଶନ ବୋଲି ବି କୁହାଯାଇପାରେ। କାରଣ ପ୍ରତିବର୍ଷ କ୍ରିସ୍‌ମସ୍ ଅବସରରେ ଏଠାକାର ଚର୍ଚ୍ଚ, ରାସ୍ତାଘାଟ ଆଦିକୁ ରଙ୍ଗବେରଙ୍ଗର ଲାଇଟ୍ ତଥା କ୍ରିସ୍‌ମସ୍ ଟ୍ରିରେ ସଜାଯିବା ସହ ଚାରିଆଡ଼େ କ୍ରିସ୍‌ମସ୍‌ର ଗୀତ ଶୁଣିବାକୁ ମିଳିଥାଏ। କ୍ରିସ୍‌ମସ୍ ପର୍ବର ଭରପୂର ଆନନ୍ଦ ନେବା ପାଇଁ ଏହାଠାରୁ ଭଲ ସ୍ଥାନ ଆଉ କ'ଣ ହୋଇପାରେ।

**❊ ତୱାଙ୍ଗ୍:** ଅରୁଣାଚଳ ପ୍ରଦେଶର ଏକ ଶାନ୍ତ ତଥା ସୁନ୍ଦର ସ୍ଥାନ ହେଉଛି ତୱାଙ୍ଗ୍। ଏଠାରେ ମୁଖ୍ୟତଃ ଏକାଧିକ ବୌଦ୍ଧମଠ ଥିବା ଦେଖିବାକୁ ମିଳିଥାଏ। ଶୀତଦିନେ ତ ଏଠାକାର ଆକର୍ଷଣ ଆହୁରି ବଢ଼ିଯାଏ। କାରଣ ଉଚ୍ଚ ଉଚ୍ଚ ପାହାଡ଼ରେ ଘେରା ଏହି ସ୍ଥାନରେ ତୁଷାରପାତର ନିଆରା ମଜା ନେବାର ସୁଯୋଗ ମିଳିଥାଏ। ଖ୍ରୀଷ୍ଟମାସ ପର୍ବକୁ ବି ଏଠାକାର ଲୋକେ ବେଶ୍ ଉତ୍ସାହର ସହ ପାଳନ କରିଥାନ୍ତି। ତେଣୁ କ୍ରିସ୍‌ମସ୍ ଛୁଟି କଟାଇବା ପାଇଁ ଏହା ଏକ ଭଲ ସ୍ଥାନ।

**❊ ଗାଙ୍ଗ୍‌ଟକ୍:** ସିକ୍କିମ୍‌ର ରାଜଧାନୀ ତଥା ଏଠାକାର ଏକ ଲୋକପ୍ରିୟ ସହର ଭାବେ ଗାଙ୍ଗ୍‌ଟକ୍ ବେଶ୍ ପ୍ରସିଦ୍ଧ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଖ୍ରୀଷ୍ଟମାସ ଅବସରରେ ପର୍ଯ୍ୟଟକ ଏଠାକୁ ଗଲେ ଏଠାକାର ମନ ମୋହି ହୋଇଯାଉଥିବା ସାଜସଜ୍ଜା ଦେଖି ବେଶ୍ ଖୁସି ଅନୁଭବ କରିବେ। ତା'ଛଡ଼ା ଏଠାରେ ସ୍ୱତନ୍ତ୍ର ଭାବେ ଚାଲୁଥିବା ରୋପ୍ ୱେରେ ବସି ଉଚ୍ଚ ଉଚ୍ଚ ପାହାଡ଼ ତଥା ଆଖପାଖ ଅଞ୍ଚଳର ଅପୂର୍ବ ଦୃଶ୍ୟକୁ ଦେଖିପାରିବେ। ସବୁଠୁ ଖାସ୍ କଥା ହେଉଛି କ୍ରିସ୍‌ମସ୍ ଅବସରରେ ଏଠାରେ ପ୍ରସ୍ତୁତ କରାଯାଉଥିବା ନାନାଦି ସୁସ୍ୱାଦୁ ବ୍ୟଞ୍ଜନର ସ୍ୱାଦ ମଧ୍ୟ ନେଇପାରିବେ।

**❊ କୋହିମା:** ନାଗାଲାଣ୍ଡର ରାଜଧାନୀ କୋହିମାରେ ବି କ୍ରିସ୍‌ମସ୍ ପର୍ବକୁ ବେଶ୍ ଧୁମଧାମରେ ପାଳନ କରାଯାଇଥାଏ। ଏହି ଅବସରରେ ଏଠାରେ ଆୟୋଜିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସଙ୍ଗୀତ ଉତ୍ସବକୁ ମନଭରି ଉପଭୋଗ କରିବା ସହ ସ୍ଥାନୀୟ ଚର୍ଚ୍ଚଗୁଡ଼ିକୁ ଯାଇ ପ୍ରାର୍ଥନା କରିପାରିବେ। ଏଠାକାର କ୍ରିସ୍‌ମସ୍‌ର ଉତ୍ସବଭରା ମାହୋଲ ସବୁ ବର୍ଗର ପର୍ଯ୍ୟଟକକୁ ବେଶ୍ ଆନନ୍ଦ ଦେଇଥାଏ।

**❊ ଆଇଜଲ୍:** ମିଜୋରାମ୍‌ର ରାଜଧାନୀ ଆଇଜଲ୍‌ରେ ବି କ୍ରିସ୍‌ମସ୍ ପର୍ବକୁ ବେଶ୍ ନିଆରା ଢଙ୍ଗରେ ପାଳନ କରାଯାଇଥାଏ। ଏଠାକାର ଚର୍ଚ୍ଚଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ସଜାଯିବା ସହ ରାସ୍ତାଘାଟକୁ ବି ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ କରାଯାଇଥାଏ। ଲୋକମାନେ ମିଳିମିଶି ପ୍ରାର୍ଥନା କରିବା ସହ ଏକାଠି ହୋଇ ବେଶ୍ ଖୁସିରେ ଏହି ଉତ୍ସବକୁ ମନାଇଥାନ୍ତି। ଏଠାକାର ଶାନ୍ତ ପରିବେଶରେ କ୍ରିସ୍‌ମସ୍ ଛୁଟିର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ଜମିଥାଏ।

**❊ ଇମ୍ଫାଲ:** ମଣିପୁରର ରାଜଧାନୀ ତଥା ସ୍ଥାନୀୟ ଏକ ଶାନ୍ତ, ସୁନ୍ଦର ସ୍ଥାନ ଭାବେ ଇମ୍ଫାଲ୍ ପର୍ଯ୍ୟଟକଙ୍କର ଖୁବ୍ ପ୍ରିୟ ହୋଇଥାଏ। କ୍ରିସ୍‌ମସ୍ ଅବସରରେ ଏଠାକାର ମାହୋଲ ଆହୁରି ଆକର୍ଷଣୀୟ ହୋଇଉଠେ। ଚର୍ଚ୍ଚରେ ଲୋକମାନଙ୍କର ସମୂହ ପ୍ରାର୍ଥନା, ସେମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯେମିତି ମନଛୁଆଁ ହୋଇଥାଏ ସେମିତି ଏଠାକାର ସୁସ୍ୱାଦୁ ବ୍ୟଞ୍ଜନ ବି ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ।

ଏହିସବୁ ସ୍ଥାନ ଛଡ଼ା ଆମ ଦେଶରେ ଆହୁରି ଅନେକ ଏମିତି ବି ସ୍ଥାନ ରହିଛି ; ଯେଉଁଠିକୁ କ୍ରିସ୍‌ମସ୍ ଛୁଟିରେ ଯାଇ ଏହିଦିନକୁ ବେଶ୍ ଆନନ୍ଦରେ ପାଳନ କରିପାରିବେ।








# କାହିଁକି ବଡ଼ ଦେଖାଯାଏ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ସୂର୍ଯ୍ୟ



**ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟର ଆକାଶ କାହାକୁ ବା ଆନମନା ନ କରେ ! ଏହି ସମୟରେ ସୂର୍ଯ୍ୟର ଶୋଭା ଲାଗେ ବେଶ୍ ଚମତ୍କାର । ତେବେ ଲକ୍ଷ୍ୟ କରିଛନ୍ତି କି ଏହି ଦୁଇ ବେଳାରେ ହିଁ ସୂର୍ଯ୍ୟ ଲାଗନ୍ତି ଆକାରରେ ବଡ଼ । ହେଲେ କାହିଁକି ଜାଣନ୍ତୁ ସେ ସମ୍ପର୍କରେ...**

ଦିନର ଅନ୍ୟ ସମୟରେ ସୂର୍ଯ୍ୟ ଛୋଟ ଦେଖା ଯାଆନ୍ତି । ହେଲେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ଦେଖା ଯାଆନ୍ତି ବଡ଼ । ଏହି ଦୃଶ୍ୟକୁ ସମସ୍ତେ ଦେଖିଥିବେ ଓ ମନରେ କେବେ ନା କେବେ ପ୍ରଶ୍ନ ଉଠିଥିବ ଯେ, ଏହି ଦୁଇବେଳାରେ ସୂର୍ଯ୍ୟ ଏତେ ବଡ଼ କାହିଁକି ଦେଖାଯାଏ ? ତେବେ ଏହା କ'ଣ ଆମ ଆଖିର ଭ୍ରମ ? କାହିଁକି ନା ସୂର୍ଯ୍ୟର ଆକାର ତ କେବେ ବଦଳି ନ ଥାଏ । ତେବେ ଏହା କେମିତି ହୁଏ ?

ପୃଥିବୀଠାରୁ ସୂର୍ଯ୍ୟ ପ୍ରାୟ ୧୪୯ ମିଲିୟନ କିଲୋମିଟର ଦୂରରେ ଅବସ୍ଥିତ । ତା'ସହ ସୂର୍ଯ୍ୟର ଆକାର ସ୍ଥିର ଓ ଏହାର ବ୍ୟାସରେ ବି କିଛି ପରିବର୍ତ୍ତନ ହୋଇ ନ ଥାଏ । ତଥାପି ଆମକୁ ସନ୍ଧ୍ୟା ଓ ସକାଳେ ସୂର୍ଯ୍ୟର ଆକାର ବଡ଼ ଲାଗେ । ତେବେ ଏମିତି କାହିଁକି ହୁଏ ? ପ୍ରକୃତ କଥା ହେଉଛି ଏହା ହେଉଛି କେବଳ ଅପ୍ଟିକାଲ ଇଲ୍ୟୁଜନ । ଯାହାକି ଆମର ଆଖି ଓ ମସ୍ତିଷ୍କରେ ହେଉଥିବା କିଛି ମାନସିକ ପ୍ରକ୍ରିୟା ଯୋଗୁ ଘଟିଥାଏ । ସକାଳେ ସନ୍ଧ୍ୟାରେ ସୂର୍ଯ୍ୟ ଯେବେ ଦିଗ୍‌ବଳୟରେ ଥାଆନ୍ତି ସେତେବେଳେ ବଡ଼ ଦେଖାଯାଏ । ଏହାକୁ ହୋରାଇଜନ ଇଲ୍ୟୁଜନ ବା ସନସେଟ୍ ଇଲ୍ୟୁଜନ୍ କୁହାଯାଏ । ଏହା ଏକ ଦୃଶ୍ୟ ଭ୍ରମ । ପ୍ରକୃତ କଥା ହେଲା ସୂର୍ଯ୍ୟ ଯେବେ ଉଚ୍ଚ ଆକାଶ ତଥା ମୁଣ୍ଡ ଉପରେ ଥାଆନ୍ତି ସେତେବେଳେ ଦୂରରେ ଥିବା ପରି ଲାଗେ । ହେଲେ ଯେବେ ସୂର୍ଯ୍ୟ ଦିଗ୍‌ବଳୟରେ ଥାଏ ଆମକୁ ଲାଗେ ସୂର୍ଯ୍ୟ ବହୁତ ପାଖରେ ଅଛି । କାରଣ ଏହି ସମୟରେ ସୂର୍ଯ୍ୟ ଆଖପାଖରେ ତୁଳନା କରିବା ଭଳି ପୃଥିବୀ ପୃଷ୍ଠର ଅନେକ ଜିନିଷ ଥାଏ । ଦିଗବଳୟରେ ଥିବାରୁ ସୂର୍ଯ୍ୟ ନିକଟରେ ଜାହାଜ, ନୌକା, ଗଛ, ଘର ଆଦିକୁ ତୁଳନା କରିହୁଏ ଓ ସୂର୍ଯ୍ୟ ବଡ଼ ଲାଗେ । ହେଲେ ସୂର୍ଯ୍ୟ ମୁଣ୍ଡ ଉପରେ ଥିବାବେଳେ ସୂର୍ଯ୍ୟ ସହ ତୁଳନା କରିବା ଲାଗି ପୃଥିବୀର କୌଣସି ଜିନିଷ ନ ଥାଏ । ତେଣୁ ତାହା ଛୋଟ ଲାଗେ । ଏହବାଦ ସୂର୍ଯ୍ୟ ମୁଣ୍ଡ ଉପରେ ଥିବାବେଳେ ତାର କିରଣ ବାୟୁମଣ୍ଡଳ ମଧ୍ୟ ଦେଇ ସିଧା ସଳଖ ଆସେ, ତେରଛାଭାବେ ଆସି ନ ଥାଏ । ତେଣୁ ଏହାର ଆକାର ଯେମିତି ସେମିତି ଦେଖାଯାଏ ହେଲେ ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ବେଳେ ସୂର୍ଯ୍ୟ ଦିଗବଳୟ ପାଖରେ ଥାଏ ଓ ବାୟୁମଣ୍ଡଳ ମଧ୍ୟ ଦେଇ ତା'ର କିରଣ ତୀର୍ଯ୍ୟକ ଭାବେ ଓ ବିଚ୍ଛୁରୀତ ହୋଇ ଆସେ । ତେଣୁ ସୂର୍ଯ୍ୟର ଆକାର ବଡ଼ ଓ ଚେପଟା ଦେଖାଯାଏ । ଏହାବାଦ ସୂର୍ଯ୍ୟ ପାଖରେ ଥିବା ପରିବେଶ, ଯେମିତିକି ବାୟୁମଣ୍ଡଳୀୟ ଗ୍ୟାସ୍, ଧୂଳି ଓ ଜଳୀୟବାଷ୍ପ ସୂର୍ଯ୍ୟ କିରଣକୁ ବିଚ୍ଛୁରୀତ କରିବାରେ ସାହାଯ୍ୟ କରେ । ସୂର୍ଯ୍ୟ ଯେବେ ଦିଗବଳୟ ନିକଟରେ ଥାଏ, ତାହାର କିରଣ ପୃଥିବୀର ବାୟୁମଣ୍ଡଳୀୟ ଆସ୍ତରଣ ଦେଇ ଲମ୍ବା ବାଟ ଦେଇ ଅତିକ୍ରମ କରେ । ଫଳରେ ସୂର୍ଯ୍ୟ କିରଣ ଅଧିକ ପ୍ରସାରିତ ହୋଇଥାଏ । ଏହା ସୂର୍ଯ୍ୟର ରଙ୍ଗକୁ ବି ପ୍ରଭାବିତ କରେ । ଆଉ ସୂର୍ଯ୍ୟ କିରଣ ଅଧିକ ଲାଲ, ନାରଙ୍ଗୀ ଓ ଗୋଲାପୀ ରଙ୍ଗର ଦେଖାଯାଏ । ଯେବେ ସୂର୍ଯ୍ୟ ଉଚ୍ଚ ଆକାଶରେ ଥାଏ ବାୟୁମଣ୍ଡଳର ଆସ୍ତରଣ ପତଳା ହୋଇଥାଏ । ତେଣୁ ସୂର୍ଯ୍ୟ କିରଣର କମ୍ ବିଚ୍ଛେଇ ହୋଇଥାଏ । ଫଳରେ ସୂର୍ଯ୍ୟ ଛୋଟ ଓ ଧଳାରଙ୍ଗର ଦେଖାଯାଏ । ଯେବେ ସୂର୍ଯ୍ୟ ଦିଗ୍‌ବଳୟ ନିକଟରେ ଥାଏ ସେତେବେଳେ ତା'ର କିରଣ ପୃଥିବୀର ଅଧିକ ଘନତ୍ୱ ଥିବା ବାୟୁମଣ୍ଡଳ ଦେଇ ଗତିକରେ । ଏହି ପ୍ରକ୍ରିୟାକୁ ରିଫ୍ରାକ୍ସନ ବା ପ୍ରତିସରଣ କୁହାଯାଏ । ପ୍ରତିସରଣ ଯୋଗୁ ସୂର୍ଯ୍ୟର କିରଣ ତେରେଛା ହୋଇଯାଏ ଓ ସୂର୍ଯ୍ୟର ଆକାର କିଛିଟା ବଡ଼ ହେବାଭଳି ପ୍ରତୀୟମାନ ହୁଏ ।





# ସବୁଠୁ ବଡ଼ ୱାର୍ଡରୋବ୍

ସଉକ ପ୍ରାୟ ସମସ୍ତଙ୍କର ଥାଏ। କାହାର ଟଙ୍କା କମାଇବାର ସଉକ ତ କାହାର ନାଁ କମାଇବାର ସଉକ ଥାଏ । ପୁଣି କାହାର ବୁଲିବାର ସଉକ । ଅନେକଙ୍କର ପୋଷାକର ସଉକ ବି ଥାଏ। ସାଧାରଣ ଲୋକ ଯେଉଁଠି ସଉକ ପାଇଁ ଅନେକ ଖର୍ଚ୍ଚ କରିବାକୁ ପଛାନ୍ତି ନାହିଁ, ଭାବିଲେ ଦେଖି ରାଜା ମହାରାଜ ସେମାନଙ୍କ ସଉକ ପୁରା କରିବା ଲାଗି କେତେ ଖର୍ଚ୍ଚ କରୁଥିବେ ? ଏଇ ଯେମିତି ହାଇଦ୍ରାବଦର ଷଷ୍ଠ ନିଜାମ୍ ମେହବୁବ ଅଲ୍ଲୀ ଖାଁଙ୍କର ପୋଷାକର ସଉକ ଏତେ ଥିଲା ଯେ, ଗୋଟିଏ ପୋଷାକକୁ ସେ ଦ୍ୱିତୀୟ ଥର ପିନ୍ଧୁ ନ ଥିଲେ। ଫଳରେ ପୋଷାକ ସାଇତି ରଖିବାର ଅସୁବିଧା ହେଲା । ସେଥିପାଇଁ ସେ ପୁରୁଣା ହବେଲିର ଡ଼ାହାଣ ପାର୍ଶ୍ୱରେ ତିଆରି କଲେ ପୃଥିବୀର ସବୁଠାରୁ ବଡ଼ ୱାର୍ଡରୋବ ବା ଆଲମାରୀ। ମୁହାଁମୁହିଁ ହୋଇ ଲମ୍ବା ଦୁଇ ଧାଡିର ଏହି ଆଲମାରୀର ଲମ୍ବ ପ୍ରାୟ ୨୪୦ ଫୁଟ୍ ଥିଲା। ସେଥିରେ ୧୨୪ଟି ଆଲମାରୀ ଥିଲା, ଯେଉଁଥିରେ ପୋଷାକ ସହ ଜୋତା ଓ ଅନ୍ୟ ଆସେସରିଜ୍ ବି ରଖାଯାଉଥିଲା। ବର୍ମା ଶାଗୁଆନ କାଠରେ ତିଆରି ଏହି ୱାର୍ଡରୋବ ଦୁଇ ଥାକ ବିଶିଷ୍ଟ ଥିଲା। ଉପର ସେକ୍ସନର ୱାର୍ଡରୋବକୁ ପହଞ୍ଚିବା ଲାଗି ହାତରେ ଅପରେଟ୍ କରାଯାଇପାରୁଥିବା ଲିଫ୍ଟ ବ୍ୟବସ୍ଥା ହୋଇଥିଲା। ପାଖରେ ଚେଞ୍ଜିଂ ରୁମ୍ ବି ଥିଲା। ଏହି ଆଲମାରୀ ପୃଥିବୀର ସବୁଠାରୁ ବଡ଼ ଆଲମାରୀର ମାନ୍ୟତା ପାଇଛି।



## କଥା ଚାଟ୍




ଶ୍ରୀମାନ୍ ସର୍ବଗିଳା

# ହିତ ଶତ୍ରୁ

ନକୁଳାର ବୁଦ୍ଧି-ରୂପ-ଗୁଣକୁ-ଗୁଣ ମିଶିଲା ଭଳିଆ ଆକୁଳୀ ନାମ୍ନୀ ସୁନ୍ଦରୀ ଗୁଣବତୀ ବୁଦ୍ଧିମତୀ ସ୍ତ୍ରୀଟିଏ ବିଳମ୍ବ ହେଲେ ବି ମିଳିଗଲା । ଏମାନେ ଉଭୟେ ଖଟି ଖାଇବାଠାରୁ ବୁଦ୍ଧି ବଳରେ ସବୁ ହାସଲ କରିବାର ବଢିଆ ଜ୍ଞାନ ଅର୍ଜନ କରିଥିଲେ । ସବୁଠୁ ଭଲଗୁଣ ହେଲା ଅନ୍ୟର ଉନ୍ନତି ଦେଖିଲେ ତାଙ୍କ ଦେହରେ ଯେମିତି ନିଆଁ ଚେଙ୍ଗିହୋଇଯାଏ । ମାଗଣା ଦ୍ରବ୍ୟ ଯେବେ କୋଉଠି ହୁଅଇ ବଣ୍ଟନ, ପାଇବାକୁ ଭାଗ କରନ୍ତି ଫନ୍ଦି, ଫିକର । ନିଜର ଭଲ ଛାତଘର ଥିଲେ କ'ଣ ହେଲା, ଯଦି ପଡ଼ୋଶୀ କି ମାଗଣା ଯୋଜନା ଘର ମିଳିବା ଶୁଣନ୍ତି, ଆଉ ରାତିସାରା ସ୍ୱାମୀ-ସ୍ତ୍ରୀ ଶୋଇପାରନ୍ତିନି । କେମିତି ସେଇ ସୁବିଧା ନିଜେ ହାତେଇବେ, ସେହି ପ୍ରୟାସ ସାରାରାତି ଅଭ୍ୟାସ କରନ୍ତି । ବିଲରୁ ଅମଳ ଫସଲ ବିକି ଯେତେ ମୋଟା ଟଙ୍କା ମିଳିଲେ କି ସୁଖ, ଯେବେ ମାଗଣା ରାଶନ ମାସକୁ ମାସ ଘରକୁ ନ ଆସୁଛି ! ନିଜର ମାଛ ପୋଖରୀ କି କିଏ ଆଖି ପକେଇଲେ, ତା' ଆଖି ତାଡ଼ିଦେବାର ସିନା ଧମକ ଦିଅନ୍ତି, ମାତ୍ର ଅନ୍ୟ ମାଛ ପୋଖରୀରେ ରାତିଅଧିଆ ନିଜ ହାତରୁ ଖର୍ଚ୍ଚକରି ବିଷକିଣି ପକେଇଲା ପରେ ଶାନ୍ତିରେ ନିଃଶ୍ୱାସ ମାରନ୍ତି । ନିଜ ପିଲା ପରୀକ୍ଷାରେ ଭଲ ନମ୍ବର ରଖୁ, କିନ୍ତୁ ଆଉସବୁ ପିଲା ଫେଏଲ ନଇଲେ ବାତେରା ହୋଇଯାଆନ୍ତୁ ବୋଲି ଭକ୍ତି ଗଦଗଦ ଚିତ୍ତରେ ଅରଜିନାଲ ଗୁଆଘିଅ କିଣି ଠାକୁରାଣୀଙ୍କ ପାଖରେ ବ୍ୟାକୁଳତାର ସହ ପ୍ରାର୍ଥନା କରନ୍ତି । ପଡ଼ୋଶୀ କୋଉ ସ୍ତ୍ରୀ ଲୋକ ଗଳାରେ ଭଲ ହାର କି କାନଫୁଲ ଇତ୍ୟାଦି ଦେଖିଲେ, ଭାରି ପ୍ରଶଂସାରେ ପୋତିପକାନ୍ତି ଆକୁଳୀ । ସମୟ ସୁବିଧା ଦେଖି କୋଉ ନିଜ ଲୋକର ବାହାଘର ଭୋଜି ଅବା ଅଲଗା ଫଂକ୍ସନରେ ଯୋଗଦେବା ପାଇଁ ନାନୀ କି ଅପା ନ ହେଲେ ଖୁଡ଼ୀଭଳିଆ କେତେ ମଧୁର ସମ୍ବୋଧନ କରି ମାଗିନିଅନ୍ତି । ହେଲେ, ଅତି ଆପଣାର ନିଜର ଭାବି ଆଉ ତାଙ୍କ ଅଳଙ୍କାର ଫେରାନ୍ତି ନାହିଁ । ଓଲଟା ହଜିଗଲା, ଚୋର ଝାମ୍ପି ନେଲା କି ରଖିଥିଲି ଆଉ ପାଉନି ବୋଲି ସଫେଇଦେଇ ଦି' ଧାରେ ଆଖିଲୁହ ଦେଖେଇ ହଜାରେ ମୂଲ୍ୟକୁ ଶହେ ହିସାବରେ ବଡ଼ କଷ୍ଟରେ ଦିଅନ୍ତି । ଏଣେ ନକୁଳା ବାବୁ ସେଇ ନ୍ୟାୟରେ ଅତି ଅର୍ଜେଣ୍ଟ ଦର୍କାର, ଆଜି ନେଇ କାଲି ଦେବି ବୋଲି ଭରସା ଦେଇ ଯାହାଠୁ ମୋଟା ଟଙ୍କା ଉଧାର ଆଣନ୍ତି, ସେ ଆଉ ଧରା ଛୁଆଁ ଦିଅନ୍ତି ନାହିଁ ।

ନକୁଳା ବାବୁଙ୍କୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ୍ଠ ଉପନ୍ୟାସର ମଙ୍ଗରାଜ ସାଆନ୍ତେ ଜନମିଥିବାର ଠଉରେଇ ପାରନ୍ତି ପଢୁଆ ଲୋକ । ମାତ୍ର ଆମ ଆଖିରେ ସେ ଓ ତାଙ୍କ ପତ୍ନୀ ଅତି ଭଦ୍ର । ଆମେ ଜାଣୁ ଭଦ୍ର ଏଇଥିପାଇଁ ଯେ, ସେ ବେଶ ପୋଷାକ କଥାବାର୍ତ୍ତାରେ, ଯଦିଓ ତାଙ୍କ ଶାଳୀନ ଥିଲା, ତଥାପି ଖୁବ ଶାଳୀନତା ରଖନ୍ତି, ଭଦ୍ର ସମାଜରେ ସମ୍ମାନିତ ବ୍ୟକ୍ତିଭାବରେ ଗଣା ହୁଅନ୍ତି । ବାବୁ ସମାଜରେ ସମସ୍ତଙ୍କ ହିତ ସାଧନ କରନ୍ତି ବୋଲି ଅନେକ ଲୋକଙ୍କର ମୋଭଳିଆ ଧାରଣା ରହିଛି । ଆମେ ଓଲ୍ଲା ଗୋଷ୍ଠୀରେ ଯାଉ ବୋଲି କିଛି ଦିବ୍ୟ-ଦ୍ରଷ୍ଟା ଯେତେ କହିଲେ ବି ଆମେ ଆମ ବିଶ୍ୱାସକୁ ବଦଳେଇ ପାରୁନା । ନକୁଳା ବାବୁ ଏମିତି ଢେଏରେ ଧନ ସାଇତିବା ଧ୍ୟାନରେ ନିମଗ୍ନ ଥିଲେ । ଗୋଟେ ବୋଲି ତାଙ୍କ ଭଉଣୀ, ଯାହାକୁ ତାଙ୍କ ପାଖ ଗାଁରେ ବାହାଦେଇଥିଲେ । ଜ୍ୱାଇଁଟି ଥିଲା ପ୍ରବାସୀ, ମାନେ ବିଦେଶିଆ । ଭଉଣୀ ଗାଁରେ ଏକା ତା' ଘରେ ଥାଏ । ଧନ ବୋଲି ସେମିତି ବେଶି ନ ଥିଲା । ଆକୁଳୀ ଦେବୀଙ୍କ କୁହାବୋଲାରେ ଗଲା ବରଷେ ହେଲା ନକୁଳା ବାବୁଙ୍କ ଘରେ ଆସି ରହୁଥିଲା ତାଙ୍କ ଶାଳକ ସାରଙ୍ଗ । ସାରଙ୍ଗ ଭଲରେ ଜାଣିଥିଲା ନିଜ ଭିଣୋଇ କେମିତିକା ସାଧୁ ପଣିଆରେ ମୋଟା ଟଙ୍କା ସୁନା ସାଇତି ରଖିଥିଲେ ବୋଲି । ନାନୀ ଓ ଭିଣେଇଙ୍କ ଅତି ବିଶ୍ୱାସୀ ହୋଇ ବ୍ୟାଙ୍କକୁ ବହୁଥର ଟଙ୍କା ଜମା କରିବାକୁ ଯାଉଥିଲା



ସେ । ବରଷକେ ଯେତେ ସୁନା ଅଳଙ୍କାର କିଣା ଯାଉଥିଲା, ସବୁ ସାରଙ୍ଗ ପସନ୍ଦରେ । ଏଇ ଅଳଙ୍କାର ସବୁ କୋଉଠି ନିରାପଦରେ ଘରେ ରଖାଯାଏ, ତାହା ବି ତାକୁ ଅଛପା ନ ଥିଲା । ମଝିରେ ମଝିରେ ଭିଣୋଇ ମହାଶୟଙ୍କ ଭଉଣୀ ଘରକୁ ଯାଇ ଭଲ ସାହାଯ୍ୟ କରିଆସୁଥିଲା ।

ନକୁଳା ବାବୁ ସନ୍ଧ୍ୟାରେ ଲୋକଙ୍କୁ ଶୁଣେଇ ରାମାୟଣ, ମହାଭାରତ, ଭାଗବତ ପଢୁଥିଲେ । କିଛି ଲୋକଙ୍କୁ ଧର୍ମର ସାରତତ୍ତ୍ୱ ନିଗା ବୁଝାଉଥିଲେ । ଶାଳକର ଲୋଭ ବୃଦ୍ଧି ହୋଇଯିବ ବୋଲି ତା' ଆଗରେ ଅନିତ୍ୟ ସଂସାର ବିଷୟରେ କହୁଥିଲେ । କହୁଥିଲେ, ଯେମିତି କୃଷ୍ଣ ସଖା ଅର୍ଜୁନଙ୍କୁ ଗୀତାର୍ଥ ବ୍ୟାଖ୍ୟା କଲାପରି, ବାବୁ ରେ ! ଏ ସଂସାର.. ମିଛ ମାୟା । ସଂସାରରେ ସବୁ ମିଛ । ଧନ ସମ୍ପତ୍ତି ମିଛ । ସମ୍ପର୍କ ମିଛ । ଏମିତି କି ମୁଁ ମିଛ । ତୁ ମିଛ । ସ୍ତ୍ରୀ ସ୍ୱାମୀ ମିଛ । ସବୁ ମାୟା ମରୀଚିକା । ସାରଙ୍ଗ ପଚାରିଲା ଦିନେ, ଭାଇ ! ପାପ-ପୁଣ୍ୟ କ'ଣ ? ନକୁଳା ବାବୁ ଗଳା ଝାଡ଼ି ଛାତି ଫୁଲେଇ ଗେହ୍ଲେଇ ମଧୁର ବାକ୍ୟରେ କହିଲେ ହେ ଜିଜ୍ଞାସୁ ! ଯେବେ ଏ ଗହନ ପ୍ରଶ୍ନ ପଚାରିଲ, ତେବେ ଧ୍ୟାନଦେଇ ଶୁଣ ! ଜଗତରେ ପାପ ପୁଣ୍ୟ ବୋଲି କିଛି ନାହିଁ । ସବୁ ଆପଣା ମନର ବିକାର.. ନିଜ ବୁଦ୍ଧିର ବିଚାର । ନିଜ ମନ ଯେବେ କହିଲା ଏଇଟା ପାପକର୍ମ, ତେବେ ପାପ । ଆଉ ଯେବେ ନିଜ ମନ କହିଲା ଏହା ପୁଣ୍ୟ, ତେବେ ତାହା ପୁଣ୍ୟ । ଶାସ୍ତ୍ର କହୁଛି.. ମନ ତୋହର ନିଜ ଗୁରୁ, ସାରଙ୍ଗ କେତେ ତୁ ପଚାରୁ ? ଶାଳକ-ସାରଙ୍ଗ, ନକୁଳା ଭିଣୋଇଙ୍କୁ ସାଷ୍ଟାଙ୍ଗେ ଦଣ୍ଡବତ କରି କହିଲା, ''ଭାଇ ! ତେମେ ମୋ ଗୁରୁ । ଅନେକ ଜ୍ଞାନ ତମଠାରୁ ପାଇଲି ।'' ନକୁଳା ବାବୁ କହିଲେ, ଖାଲି ଶୁଣିଲେ ବୁଝିଲେ କିଛି ହୁଏନି । କାମରେ ଲଗେଇଲେ ସିନା ଜ୍ଞାନୀ ବୋଲେଇବୁ ! ହାତଯୋଡ଼ି ସାରଙ୍ଗ କହିଲା ହଁ ହଁ ଭାଇ, ତେମେ ବଳେ ଜାଣିଯିବ ତମ କଥା, କାମରେ କେତେ କଲି କି ନାହିଁ । ବ୍ୟସ୍ତ ହୁଅନା, ସମୟକୁ ଧୈର୍ଯ୍ୟ ଧରି ଅପେକ୍ଷା ତ କର ! ନକୁଳା ବାବୁ ଶାଳକ କାନ୍ଧରେ ହାତ ବାଡ଼େଇ କହିଲେ, ସାବାସ୍ ବସ୍ସ ସାବାସ୍ । ଯା ଲାଗିଯା କାମରେ.. ତୋ ଚେଷ୍ଟାରେ ।

ଦିନେ ସାବାସୀ ଦେଖାଇଲା ଅଦ୍ଭୁତ ଘଟଣା । ନକୁଳା ବାବୁଙ୍କ ଦୁଆରେ ଦୁନିଆ ଲୋକଙ୍କ ଭିଡ଼ । ଘର ଭିତରୁ ତାଙ୍କ ପତ୍ନୀ ଆକୁଳୀର କଣ୍ଠଫଟା ଆକୁଳ କ୍ରନ୍ଦନ ! କିଏ କହିଲା ତାଙ୍କ ଘରେ କାହାର ମରଣଦଶା ପଡ଼ିଲା ବୋଧେ ତ ଆଉ କିଏ କହିଲା ପିଲା କି ଗିରସ୍ତ ଅବା ଶାଳକ ଦେହ ବେଶି ବିଗିଡି ଯାଇଥିବ ! ବୁଝୁ ବୁଝୁ ଅସଲକଥା ହେଲା, ଦୀର୍ଘ ବର୍ଷେହେଲା ପୂରା ପୋଷାମାନିଥିବା ଶଶୁର-ପୁଅ ସାରଙ୍ଗ, ରାତି ଅଧିଆ ଫେରାର ହୋଇଯାଇଛି । ଅତିପ୍ରିୟ ଶଳାକୁ ବିଶ୍ୱାସରେ ରଖି ପୋଷା ମନେଇ ଯେଉଁ ଜ୍ଞାନପ୍ରଦାନ କରିଥିଲେ, ସିଏ ଘରେ କଳାକନା ବୁଲେଇ ଦେଢ଼କିଲୋରୁ ଅଧିକ ସୁନାଗହଣା, କେଜିଏ ସରିକୁ ରୁପା ସହିତ ବ୍ୟାଙ୍କରେ ଜମାଥିବା ମାତ୍ର ନଅଲକ୍ଷ ଟଙ୍କା ଗୋଲ ବୁଲେଇ ଛୁ ମାରିଛି, ନକୁଳା ବାବୁଙ୍କ ସୁନ୍ଦରୀ ସାନ ବିବାହିତା ଭଉଣୀ କି ଧରି । ଆଜିକାଲି ଟୋକାଗୁଡ଼ାଙ୍କର କୁଆଡେ ବିବାହିତା ନାରୀଙ୍କ ଠେଇଁ ନଜର ବେଶି.. ପ୍ରେମରେ ଜରଜର ଜୋର... !

ନକୁଳା ବାବୁଙ୍କ ନାକ ଅଗରେ ରାଗ । ତମ୍ପସାପ ପରି ଫଁ ଫଁ ହୋଇ ଘର ବାହାର ହେଉଥିଲାବେଳେ ଜଣେ ଭକ୍ତପ୍ରବର ଯାହାକୁ ଆମେ ଭ୍ରମରା ଡାକୁ, ଯିଏ ଘଡ଼ିକୁ ଘଡ଼ି କଥା ଭୁଲିଯାଆନ୍ତି, ଯିଏ ବାବୁଙ୍କ ପୁରାଣ ବ୍ୟାଖ୍ୟା ଶୁଣନ୍ତି, ଯିଏ ପୂଜାପୂଜିରେ ବଡ଼ ନିଷ୍ଠାପର ସେତିକିବେଳେ ଘରେ ଆସି ପହଞ୍ଚିଲେ । ବାବୁଙ୍କ ଘରେ କ୍ରନ୍ଦନ ଶୁଣି ପଚାରିଲେ କ'ଣ ହୋଇଛି ? ଏଇଠି ଏତେ ଲୋକଙ୍କ ଭିଡ଼ କି କାରଣେ ? ସବୁ ଶୁଣି କହିଲେ, ସେ ନିଜ ଆଖିରେ ସାରଙ୍ଗକୁ ବଡ଼ି ଭୋରରୁ ବାବୁଙ୍କ ଭଉଣୀ ସହିତ ଗୋଟେ ବଡ଼ ଆଟାଚି ଧରି ମୋଟର ସାଇକେଲରେ ଯାଉଥିଲେ । ଏତେ ସକାଳୁ ଯାଉଛ କୁଆଡ଼େ ପଚାରିବାରୁ ସାରଙ୍ଗ କହିଲା କୁଆଡ଼େ ଅର୍ଜେଣ୍ଟ କାମରେ ଭିଣୋଇଙ୍କ କାମରେ ଯାଉଛି । ନ ଗଲେ ବଡ଼ ଅସୁବିଧା ହୋଇଯିବ । କହିଲା ପୁଣି ଭାଇ ଦେଖାହେଲେ କହିବ, ମୋତେ ହୃଦୟରୁ ଆଶୀର୍ବାଦ ଦେବେ । ନାନୀ କି ମୋ ପ୍ରଣାମ ଜଣେଇବ । ସକାଳୁ ତାଙ୍କ ନିଦ୍ରାଭଙ୍ଗ କରିବାର ଦୁଃସାହସ କରି ନ ଉଠେଇ ଚାଲିଆସିଲୁ । ଭ୍ରମରା ମନ୍ଦିରରୁ ଦର୍ଶନ ସାରି ଆସୁଥିଲା । ହାତରେ ଧରିଥିବା ଛଡ଼ା ତୁଳସୀକୁ ସାରଙ୍ଗ ହାତରେ ଧରେଇ କହିଲା । ମାହେନ୍ଦ୍ର ବେଳା ଭାଇ । ଠିକ୍ ସମୟରେ ବାହାରିଚ । ଏଇ ନିଅ ପୂଜା ତୁଳସୀ । ବିନା ବାଧାରେ ସବୁ କାର୍ଯ୍ୟ ସମ୍ପନ୍ନ ହେବ ସୁରୁଖୁରୁରେ । ଭ୍ରମରାର ଏଇ କଥା ଶୁଣି ନକୁଳା ରାଗରେ ତା'ଆଡକୁ କଟମଟ ହୋଇ ଦେଖିଲେ ସିନା କିଛି କରିପାରିଲେନି କି କହିପାରିଲେ ନାହିଁ । ଲୋକେ କହୁଥିଲେ... ଆରେ ଏ ସଂସାର ମିଛ, ଲୋକ ମିଛ, ସାହାଯ୍ୟ, ଭଲପାଇବା .... ସବୁ ମିଛ ହେ ନକୁଳା ବାବୁ... ମିଛ ମିଛ.. ।

-ମଙ୍ଗରାଜପୁର, ବୀର ହରେକୃଷ୍ଣପୁର, ପୁରୀ
ମୋ-୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ପୁରୁଣା ମାଟିକାନ୍ଥରୁ ପଟେ

**ଡକ୍ଟର ନୃସିଂହ ଷଡଙ୍ଗୀ**
**ପ୍ରକାଶକ- ଆଦିତ୍ୟ ଭାରତ**
**ସେକ୍ଟର-୬, ସିଡିଏ, କଟକ, ମୂଲ୍ୟ- ୧୫୦ଟଙ୍କା**

ଏଥିରେ ୪୩ କବିତା ସ୍ଥାନିତ ହୋଇଛି । ପୁରୁଣା ମାଟିକାନ୍ଥ ଶୂନ୍ୟ ଦର୍ପର ପ୍ରତୀକଟିଏ, ପୁରୁଖା ଖାନ୍‌ଦାନିର ଅଭିଜ୍ଞ ଆତ୍ମାଟିଏ । ତାକୁ ନ ଚିହ୍ନିଲେ ଜୀବନର ଶ୍ରେଷ୍ଠତା ନାହିଁ । ତାକୁ ନ ଚିହ୍ନିବା ଅର୍ଥ ନିଜ ଜନ୍ମକୁ ଅସ୍ୱୀକାର କରିବା, ପିତୃପୁରୁଷ ଓ ଆପଣାପଣକୁ ରୁକ୍ଷଭାବେ ଏଡାଇ ଯିବା । ମାଟିକାନ୍ଥର ଉତ୍ତରାଧିକାରୀ ପାଲଟୁଥିବା କଂକ୍ରିଟ ଉଆସମାନେ ଭବ୍ୟ ସତ, କିନ୍ତୁ ପରିଚୟ ଦେଇ ପାରନ୍ତିନି । ପୁରୁଣା ମାଟିକାନ୍ଥ ପଟକ ପାଇଁ, ଶ୍ରଦ୍ଧା ପ୍ରତିବେଦିତ ତା'ର ସରି ଆସୁଥିବା ଆୟୂଷ କେଇଦିନର ପାଇଁ । ପୁସ୍ତକରେ ସ୍ଥାନିତ କବିତାଗୁଡିକ ଉଚ୍ଚକୋଟୀର, ଯାହା ପାଠକଙ୍କୁ ବାନ୍ଧି ରଖିବ ।



### ପ୍ରିୟା

**ଭାନୁମତୀ ସାହୁ, ପ୍ରକାଶକ- ଶକ୍ତି ପବ୍ଲିଶର୍ସ**
**ଗଙ୍ଗା ମନ୍ଦିର, ଗଟକ-୧, ମୂଲ୍ୟ-୧୬୦ଟଙ୍କା**

'ପ୍ରିୟା' ଭାନୁମତୀ ସାହୁଙ୍କ ଗଳ୍ପ ସଂକଳନ । ଏଥିରେ ୨୨ଟି ଗପ ସ୍ଥାନ ପାଇଛି । ପ୍ରଥମ ଗପର ନାମ ଅନୁସାରେ ବହିର ନାମକରଣ କରାଯାଇଛି । ତାଙ୍କ ଘରେ ନ ଥିଲା ଅହଂ, କି ହିସାବ ମଧ୍ୟ ନ ଥିଲା । ସେଠି ଥିଲା ପ୍ରେମର ପରିଭାଷା । ଯାହାକୁ ନେଇ ଗଢି ଉଠିଥିଲା ତାଙ୍କର ଭରପୁର ସଂସାର । କିନ୍ତୁ ପ୍ରିୟା ଚାଲି ଯିବାପରେ, ତାଙ୍କ ଘରଟା ବି ଯେମିତି ପ୍ରିୟା ସହ ଚାଲିଯାଇଛି । ଏହା ହେଉଛି ପିୟା ଗଳ୍ପର ମୁଖ୍ୟ କଥା । ସେହିଭଳି ମୋର ଦରକାର ତୁ, ତୋର ଆୟୂଷ କ'ଣ ଆଉ ଫେରିଆସିବ ସୁନା, ରୁପା ଅଳଙ୍କାର ବଦଳରେ ? ଗପ ଗୁଡିକ ପାଠକଙ୍କ ମନକୁ ଛୁଇଁବ ବୋଲି ଆଶା ।




### କ୍ଳାନ୍ତ ଅପରାହ୍ନର ପ୍ରତିଶ୍ରୁତି

**ଧରଣୀଧର ତ୍ରିପାଠୀ,**
**ବିଦ୍ୟା ପବ୍ଲିଶିଙ୍ଗ**
**ଟରୋଣ୍ଟୋ, କାନାଡା, ମୂଲ୍ୟ- ୨୦୦ଟଙ୍କା**

'କ୍ଳାନ୍ତ ଅପରାହ୍ନର ପ୍ରତିଶ୍ରୁତି' ଧରଣୀଧର ତ୍ରିପାଠୀଙ୍କ କବିତା ପୁସ୍ତକ । ଏଥିରେ ୫୪ କବିତା ସ୍ଥାନ ପାଇଛି । ପ୍ରକାଶିତ କବିତାଗୁଡିକ କେବେ ପ୍ରକୃତିର ଚିତ୍ର ଆଉ ତା'ର ଅନୁପମ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତ, କେବେ ପରିବେଶ ଆଉ ପରିସ୍ଥିତି ଦ୍ୱାରା ଅନୁପ୍ରାଣିତ ହୋଇ ଲେଖାଯାଇଛି । ଆଉ କିଛି କବିତାକୁ ତରୁଣ ବୟସର ମାଧୁର୍ଯ୍ୟରେ ତ, କିଛିକୁ ପରିଣତ ବୟସର ଅନୁଭବ ଓ ଅନୁଭୂତିକୁ ନେଇ ରଚନା କରାଯାଇଛି । ବହିର 'ବାଜୁଛି ମଧୁର ବଂଶୀ' କବିତା ହେଉ କି 'ସୁନା ହରିଣ' ଯାହାକୁ ବି ପଢିବେ ତାହା ହୃଦୟକୁ ଛୁଇଁବ ବୋଲି ଆଶା ।



# ମୂର୍ତ୍ତି ନାକରୁ ବୋହୁଛି ରକ୍ତ !

ଏଇ ମୂର୍ତ୍ତିର ନାକରୁ ବୋହୁଥିବା ଲାଲରଙ୍ଗର ରକ୍ତ ଦେଖି ବେଶ୍ ଆଶ୍ଚର୍ଯ୍ୟ ଲାଗୁଥିବ। ଭାବୁଥିବେ ନିର୍ଜୀବ ମୂର୍ତ୍ତିର ନାକରୁ ପୁଣି କେମିତି ରକ୍ତ ବୋହୁଛି। ତେବେ ପ୍ରକୃତ କଥାଟି ହେଲା ଏହି ମଣିଷ ମୁଣ୍ଡ ମୂର୍ତ୍ତିଟି ହେଉଛି ଏକ କ୍ୟାଣ୍ଡେଲ ଷ୍ଟାଣ୍ଡ, ଯାହାକୁ ତିଆରି କରିଛି ଫାୟାରବକ୍ସ ନାମକ କମ୍ପାନୀ। ତା' ଭିତରେ ରଖାଯାଏ ଲାଲ ରଙ୍ଗର କ୍ୟାଣ୍ଡେଲ। ଉକ୍ତ କ୍ୟାଣ୍ଡେଲର ନାମ ହେଉଛି ବ୍ଲିଡିଂ ନୋଜ୍ କ୍ୟାଣ୍ଡେଲ୍। ଗ୍ରାହକଙ୍କୁ ହ୍ୱାଇଟ୍ ସେରାମିକ୍‌ରେ ତିଆରି କ୍ୟାଣ୍ଡେଲ ଷ୍ଟାଣ୍ଡ ସହ ଦୁଇଟି ଲାଲ ରଙ୍ଗର କ୍ୟାଣ୍ଡେଲ ଦିଆଯାଏ। ଏହି ମଣିଷ ମୁଣ୍ଡ କ୍ୟାଣ୍ଡେଲର ଉପର ଭାଗରେ ଏକ କଣା ଥାଏ, ଯାହା ମଧ୍ୟରେ କ୍ୟାଣ୍ଡେଲ ରଖି ଜଳାଯାଏ। ଉକ୍ତ ଷ୍ଟାଣ୍ଡକୁ ଏଭଳି ତିଆରି କରାଯାଇଛି ଯେ, କ୍ୟାଣ୍ଡେଲ ଜଳି ତରଳିବା ପରେ ଲାଲ ରଙ୍ଗର ମହମ ବୋହି ମୂର୍ତ୍ତିର ନାକ ଦେଇ ବାହାରିଥାଏ। ଫଳରେ ନାକରୁ ରକ୍ତ ବୋହିବା ପରି ଲାଗେ। ଆଉ ଘରେ ଯେବେ ଏହି କ୍ୟାଣ୍ଡେଲ ଜଳାଯାଏ ଏକ ବିସ୍ମୟକର ପରିବେଶ ସୃଷ୍ଟି ହୋଇଥାଏ।









# କ୍ରିସ୍‌ମସ୍ ଟ୍ରି ହେୟାରଷ୍ଟାଇଲ୍

କ୍ରିସ୍‌ମସ୍ ବା ବଡଦିନକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ କିଏ କେତେ ଯୋଜନା କରିଥାଆନ୍ତି। ଦିନଟି ଯେମିତି ଖାସ୍ ହେବ ସେଥିପାଇଁ ଖାସ୍ ବ୍ୟବସ୍ଥା ବି କରାଯାଏ। ଏହାଛଡ଼ା କ୍ରିସ୍‌ମସ୍ ଗେଟ୍‌ଅପ୍ ଯେମିତି ସ୍ୱତନ୍ତ୍ର ହେବ ସେଥିପାଇଁ ବି ଗୁରୁତ୍ୱ ଦିଆଯାଏ। ଆଉ ଗେଟ୍‌ଅପ୍ ସେତେବେଳେ ପରଫେକ୍ଟ ଲାଗେ ଯେତେବେଳେ ଦିଆଯାଏ ଉପଯୁକ୍ତ ମେକ୍‌ଅପ୍ ଓ ହେୟାରଷ୍ଟାଇଲ। କ୍ରିସ୍‌ମସ୍‌କୁ ନେଇ ସ୍ୱତନ୍ତ୍ର ପ୍ରକାରର ହେୟାରଷ୍ଟାଇଲ୍ ଏବେ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ବିନା ମେକ୍‌ଅପ୍‌ରେ ବି ଯଦି ଏହି ହେୟାରଷ୍ଟାଇଲ୍ କରାଯାଏ ତେବେ ବି ଲୁକ୍ ପୁରା କ୍ରିସ୍‌ମସ୍ ପାଇଁ ଉପଯୁକ୍ତ ଲାଗେ। କାରଣ ଏହି ହେୟାରଷ୍ଟାଇଲରେ କେଶକୁ କ୍ରିସ୍‌ମସ୍ ଟ୍ରି ପରି କରାଯାଏ। ଆଉ ଏହି ହେୟାର ଷ୍ଟାଇଲ୍ ବେଶ୍ ଆକର୍ଷକ ଲାଗେ। ଏଥିପାଇଁ କିଏ କେଶକୁ ସବୁଜ ରଙ୍ଗରେ ରଙ୍ଗାଇ କ୍ରିସ୍‌ମସ୍ ଟ୍ରି ଲୁକ୍ ଦିଅନ୍ତି ତ କିଏ କେଶକୁ ଗଛର ଲୁକ୍ ଦେଇ ସେଥିରେ ବିଭିନ୍ନ ଡେକୋରେଟିଭ୍ ଆଇଟମ୍ ସଜାନ୍ତି। ତେଣୁ ଏଭଳି ହେୟାର୍‌ଷ୍ଟାଇଲ କ୍ରିସ୍‌ମସ୍‌କୁ ନିଶ୍ଚିତଭାବେ ଖାସ୍ କରିବ।

# ଆର୍ମି ଟ୍ରକରେ ହୋଟେଲ

ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ହୋଟେଲ ଭିନ୍ନ ଭିନ୍ନ ଉପାୟ ଆପଣେଇ ଥାଆନ୍ତି। କିଏ ନିଆରା ଉପାୟରେ ଖାଦ୍ୟ ପରଷନ୍ତି ତ କିଏ ସ୍ୱତନ୍ତ୍ର ଥିମ୍‌ରେ ହୋଟେଲ ତିଆରି କରିଥାନ୍ତି। ଏଇ ଯେମିତି ବମ୍ ଡିଫ୍ୟୁଜ କରୁଥିବା ଗାଡିକୁ ଏବେ ହୋଟେଲରେ ରୂପାନ୍ତରିତ କରାଯାଇଛି। ଏହି ଗାଡି ଏକ ପ୍ରକାରର ଆର୍ମି ଟ୍ରକ। ଯାହାର ନାମ ହେଉଛି ଆର୍ନି ଦ ଆର୍ମି ଟ୍ରକ। ୧୯୮୭ ମସିହାରେ ଏହା ବମ୍ ଡିଫ୍ୟୁଜ୍ କରିବା କାମରେ ନିୟୋଜିତ ଥିଲା। ହେଲେ ଏବେ ତାହା ହୋଟେଲର ରୂପ ନେଇଛି। ଇଂଲଣ୍ଡର ସୋମରସେଟ୍‌ରେ ଥିବା ଗାଁ ହୈର୍ ବିଟମ୍‌ରେ ଏହି ଆର୍ମି ଟ୍ରକ୍ ହୋଟେଲ ଅଛି। ଦିନେ ଏହି ଟ୍ରକ୍ ବମ୍ ଡିଫ୍ୟୁଜ୍ କରୁଥିଲା। ହେଲେ ଏବେ ଏହା ଭିତରେ ବେଡରୁମ୍, ବାଥ୍‌ରୁମ, କିଚେନ୍ ସହ ୱାଇଫାଇ୍‌ର ବି ସୁବିଧା ଉପଲବ୍ଧ ଅଛି। ଏହାର ବାଥରୁମ୍ ଟିକେ ଅଧିକ ଖାସ୍ । କାରଣ ଏଥିରେ ହର୍ସ ବକ୍ସକୁ ରୂପାନ୍ତରିତ କରି ପ୍ରାଇଭେଟ୍ ଶାୱାର ଓ ଫ୍ଲଶ୍ କରି ହେଉଥିବା ଟଏଲେଟ୍‌ର ବ୍ୟବସ୍ଥା କରାଯାଇଛି। ଟ୍ରକ ବାହାରେ ବାର୍‌ବେକ୍ୟୁ ଡାଇନିଂ ଫର୍ନିଚର ବି ଅଛି। ଏହି ହୋଟେଲରେ ଗୋଟିଏ ରାତି ରହିବାର ମୂଲ୍ୟ ୧୦,୦୦୦ଟଙ୍କାରୁ ଊର୍ଦ୍ଧ୍ୱ।

